ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 40 | 5 - 11 October 2025 | Sambalpur | Pages- 8 | Invitation Price Rs.10

# ବେଦାନ୍ତ କେବଳ ପ୍ରଦୂଷଣ କରୁ ନାହିଁ: ସରକାରଙ୍କୁ ରାଜସ୍ୱ ମଧ୍ୟ ଦେଉନାହିଁ

ସମ୍ବଲପୁର : ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମ କାରଖାନା ଯେ କେବଳ ପ୍ରଦୂଷଣ କରୁଛି ତା ନୁହେଁ ଏହି କାରଖାନା ସରକାରଙ୍କ ଶହ ଶହ କୋଟି କୋଟି ଟଙ୍କାର ବିଭିନ୍ନ ରାଜସ୍ୱ ମଧ ପୈଠ କରିବାରେ ଟାଲୁଟୁଳ ନୀତି ଅବଲମ୍ବନ କରି ରାଜ୍ୟବାସୀଙ୍କୁ



କ୍ଷତିରେ ପକାଉଛି । ମାଟି ରୟାଲଟିରୁ ଆରମ୍ଭ କରି ଅନ୍ୟ ମାଇନର ମିନରାଲ୍, ଲେବର ସେସ୍ ପର୍ଯ୍ୟନ୍ତ ବିଭିନ୍ନ କର ସରକାରଙ୍କୁ ଦେଉ ନ ଥିବା ଜଣାପଡିଛି । ସେପରି ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରୁଥିବା ଅଭିଯୋଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କରାଯାଇଥିବା ୭୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ମଧ କମ୍ପାନୀ ଦେଇନାହିଁ । ଭୂତଳ ଜଳ ବ୍ୟବହାର କରିଥିବା ବାବଦରେ ବକେୟା ଥିବା ତେରକୋଟି ଟଙ୍କା ମଧ କମ୍ପାନୀ ପୈଠ କରି ନ ଥିବା ଜଣାପଡିଛି ।

ଏହି କମ୍ପାନୀ ସୁନାରୀ ମୁଣ୍ଡାରେ ବେଦାନ୍ତ ମେଗା ଟାଉନସିପ୍ ବେଆଇନ ଭାବେ ନିର୍ମାଣ କରିଥିବା ଝାରସୁଗୁଡ଼ା ରିଜିଓନାଲ ଇମ୍ପ୍ରୁମେଣ୍ଟ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । କୌଣସି ଟାଉନସିପ୍ କିମ୍ବା ଘର ତିଆରି ପୂର୍ବରୁ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ନକ୍ସା ଅନୁମୋଦନ କରାଯିବାର ନିୟମ ଥିଲେ ମଧ ବେଦାନ୍ତ କମ୍ପାନୀ ଏଥିପ୍ରତି ଭ୍ରୂକ୍ଷେପ ନ କରି ବେଆଇନ ଭାବେ ଏହି ଟାଉନସିପ୍ ନିର୍ମାଣ କରିଛନ୍ତି । ଏ ବାବଦରେ ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ କମ୍ପାନୀକୁ ସମ୍ପତ୍ତି ଟିକସ ପୈଠ କରିବାକୁ ନୋଟିସ୍ ଦିଆ ଯାଇଥିଲେ ମଧ ତାହା ଦେଉନାହିଁ । କମ୍ପାନୀ ପକ୍ଷରୁ ବେଆଇନ ଭାବେ କରାଯାଇଥିବା ଏହି କାମକୁ ଇତି ମଧରେ ସଲାସୁତୁରାରେ ସମାଧାନ କରାଯିବା ପାଇଁ ଉଦ୍ୟମ ହେଉଥିବା ଜଣାପଡିଛି । କମ୍ପାନୀରେ ପୂର୍ବରୁ କାମ କରୁଥିବା ଜଣେ ଅଧିକାରୀ ଝାରସୁଗୁଡ଼ା ପୌର ପରିଷଦରେ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିବାରୁ କମ୍ପାନୀ ତାଙ୍କ ମାଧମରେ ଏହି ବେଆଇନ କାମକୁ ଆଇନସମ୍ମତ କରିବାର ଉଦ୍ୟମ କରୁଥିବା ଶୁଣାଯାଉଛି । ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜସ୍ୱ ଆଦାୟ ପାଇଁ କମ୍ପାନୀକୁ ନୋଟିସ୍ ଦିଆଗଲେ କାରଖାନା କର୍ତ୍ତୃପକ୍ଷ କୋର୍ଟରେ ଆଶ୍ରୟ ନେଇ ତାହା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।

ଏହି କମ୍ପାନୀ ବିଭିନ୍ନ ରାଜସ୍ୱ ଦେବାରେ ଟାଳଟୁଳ ନୀତି କରିବା ଯୋଗୁଁ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ବାବଦରେ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ପକ୍ଷରୁ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସଠିକ୍ ଓ କଡ଼ା ପଦକ୍ଷେପ ନିଆଯାଇ ନାହିଁ । ଫଳରେ ସରକାର ଓ କମ୍ପାନୀ ମଧରେ ଅସାଧୁ ମେଣ୍ଟ ଥିବାର ଲୋକଙ୍କ ମଧରେ ସନ୍ଦେହ ସୃଷ୍ଟି ହେଉଛି । ଏ ବାବଦରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ବେଦାନ୍ତ କମ୍ପାନୀରୁ ସରକାରଙ୍କ ବିଭିନ୍ନ ଦେୟ ଅସୁଲ କରିବାକୁ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ଦାବି କରିଛନ୍ତି ।

# ଆଇଆଇଏମ୍ ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ପାଳିତ





ସମ୍ବଲପୁର : ଆଇଆଇଏମ୍ ସମ୍ବଲପୁରର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାରଙ୍କୁ ପ୍ରମାଣ ପତ୍ର ବିତରଣ କରିଥିଲେ । ସେହିପରି ଏହି କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ୫୦ରୁ ଅଧିକ ବୁଣାକାରଙ୍କୁ ଆଇଆଇଏମ୍ ପକ୍ଷରୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ 'ରଙ୍ଗବତୀ ମଞ୍ଚ', କାବେରୀ ଛାତ୍ରାବାସ ଓ କାଫେ ହବ୍ କମ୍ପ୍ଲେକ୍ସ ଉଦଘାଟନ କରିଥିଲେ । ଏମ୍‌ବିଏ ୨୦୨୪-୨୬ ବ୍ୟାଚ୍‌ର ଶ୍ରେଷ୍ଠ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ ସମ୍ବଲପୁରର ୧୦ ବର୍ଷ ପୂର୍ଣ୍ଣ ହେବା ଅବସରରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବାବଦରେ କହିଥିଲେ । ଆଇଆଇଏମ୍ ସମ୍ବଲପୁରର ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ଫାଲଗୁନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଉତ୍ତରାଞ୍ଚଳ ପୁଲିସ୍ ଆଇ.ଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି ମୁକେଶ ଭାମୁ ଏବଂ ସମ୍ବଲପୁର ମ୍ୟୁନସିପାଲ କମିଶନର ରେହାନ୍ କ୍ଷେତ୍ରୀ ଉତ୍ସବରେ ଯୋଗ ଦେଇଥିଲେ ।


सत्यमेव जयते



## ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ଶାସନ



## ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସମ୍ବଲପୁରରେ ତିନିମାସ ହେବ ଆର୍.ଡି.ସି ନାହାନ୍ତି

ସମ୍ବଲପୁର: ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରରେ ରହିଛି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) କାର୍ଯ୍ୟାଳୟ । ହେଲେ ଆର୍‌ଡିସି କିନ୍ତୁ ରହୁଛନ୍ତି ରାଜଧାନୀ ଭୁବନେଶ୍ୱରରେ । ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ ରାଜ୍ୟ ସରକାର କ୍ରୀଡ଼ ଓ ଯୁବସେବା ବିଭାଗର କମିସନର ତଥା ସଚିବ ଭାବେ ଅବସ୍ଥାପିତ କରିବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଶ୍ରୀ ଯାଦବଙ୍କ ସ୍ଥାନରେ ଆଉ ନିଯୁକ୍ତି ଦିଆଯାଇ ନ ଥିବାରୁ ସେହି ସ୍ଥାନ ଖାଲିପଡ଼ିଛି । ହେଲେ, ଶ୍ରୀ ଯାଦବଙ୍କୁ ଏଠାକାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । କେବଳ ସେତିକି ନୁହେଁ, ଗତ ୩ ମାସ ହେଲା ଆର୍‌ଡିସିଙ୍କ ସଚିବ ଭଳି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ । ଏଭଳି ସ୍ଥିତିରେ ଆର୍‌ଡିସି କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । କର୍ମଚାରୀମାନଙ୍କୁ ଭୁବନେଶ୍ୱର ଦୌଡ଼ି କେବଳ ହଇରାଣ ହେବାକୁ ପଡୁନାହିଁ, ରାଜକୋଷରୁ ବି ଏଥିପାଇଁ ଅର୍ଥ ଖର୍ଚ୍ଚ ହେଉଛି ।

ସମ୍ବଲପୁର ରାଜସ୍ୱ ଡିଭିଜନ୍ ଉପରେ ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ ଓ ନୂଆପଡ଼ା ଭଳି ୧୨ଟି ଜିଲ୍ଲାର ଲୋକେ ନିର୍ଭର କରୁଛନ୍ତି । ତଥାପି, ରାଜ୍ୟ ସରକାର ସବୁବେଳେ ଏହି ରାଜସ୍ୱ ଡିଭିଜନ୍ ପ୍ରତି ଅବହେଳା କରିଆସୁଛନ୍ତି । ଗତ ଅଗଷ୍ଟ ମାସରେ ଏଠାକାର ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ ଏଠାରୁ ବଦଳି କରାଯିବା ପରେ ରାଜ୍ୟ ସରକାର କ୍ରୀଡ଼ା ଓ ଯୁବସେବା ବିଭାଗର କମିସନର ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଦାୟିତ୍ୱ ମଧ ଦେଇଛନ୍ତି । ବିକାଶ ପରିଷଦର ମୁଖ୍ୟାଳୟ ରାଜଧାନୀରେ ଥିବାରୁ କ୍ରୀଡ଼ା ବିଭାଗର କାମ ସହିତ ଏହି ଦାୟିତ୍ୱ ତୁଲାଇବାରେ କୌଣସି ସମସ୍ୟା ନାହିଁ । ତେବେ, ସମ୍ବଲପୁରରେ ଆର୍‌ଡିସିଙ୍କ ଅନୁପସ୍ଥିତି ଅଂଚଳର ଲୋକେ ଅନୁଭବ କରୁଛନ୍ତି । ଦୂରଦୂରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆର୍‌ଡିସିଙ୍କୁ ଭେଟିବା ପାଇଁ ସମ୍ବଲପୁର ଆସୁଥିବା ଲୋକଙ୍କୁ ନିରାଶ ହେବାକୁ ପଡୁଛି । ଅନ୍ୟପଟେ କର୍ମଚାରୀମାନଙ୍କ ବ୍ୟକ୍ତିଗତ ଜରୁରୀ ଆର୍ଥିକ ଦାବି/ ଅଭିଯୋଗ ସଂପର୍କିତ ଫଇସଲା ବି ବିଳମ୍ବ ହେଉଛି । ଜରୁରୀ ଫାଇଲ୍ ଧରି କର୍ମଚାରୀ ଓ ଅଧିକାରୀମାନଙ୍କୁ ଭୁବନେଶ୍ୱର ଦପ୍ତର ଯିବାକୁ ପଡୁଛି । ସରକାରୀ କାମରେ ସେମାନେ ଭୁବନେଶ୍ୱର ଯାଉଥିବାରୁ ଯାତାୟାତ ଖର୍ଚ୍ଚ ସରକାରଙ୍କ ରାଜକୋଷରୁ ଯାଉଛି । ଗତ ଜୁନ୍ ୩୦ରେ ଆରଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀ ଚାକିରୀରୁ ଅବସର ନେବାପରେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ । ଅତିରିକ୍ତ ସଚିବ ସରୋଜ କୁମାର ମିଶ୍ର ଏବେ ଆର୍‌ଡିସିଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି ।

ଉଲ୍ଲେଖଯୋଗ୍ୟ, ଆର୍‌ଡିସି ଭାବେ ଯେଉଁ ଅଧିକାରୀ ବି ଆସୁଛନ୍ତି ଅଳ୍ପ ସମୟ କାର୍ଯ୍ୟକରିବା ପରେ ଚାଲି ଯାଉଛନ୍ତି କିମ୍ବା ଅନ୍ୟ ଅଂଚଳର ଦାୟିତ୍ୱରେ ରହୁଛନ୍ତି । ସମ୍ବଲପୁର ଆର୍‌ଡିସି ଡିଭି ସ୍ୱାମୀଙ୍କର ଗତ ୭ ମାର୍ଚ୍ଚ ୨୦୧୯ରେ ବଦଳି ପରେ ତାଙ୍କ ଜାଗାରେ ଆଉ କାହାରିକୁ ନିଯୁକ୍ତି ଦିଆଗଲା ନାହିଁ । ଦକ୍ଷିଣାଞ୍ଚଳ (ବ୍ରହ୍ମପୁର) ଆର୍‌ଡିସି ଟି. ଆଓଙ୍କ ଉପରେ ସମ୍ବଲପୁରର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଗଲା । ପରିଶେଷରେ ୫ ଜାନୁଆରି ୨୦୨୦ରେ ସ୍ଥାୟୀ ଆର୍‌ଡିସି ଭାବେ ନିଯୁକ୍ତି ପାଇଥିବା ନିରଞ୍ଜନ ସାହୁ ୩୧ ଜାନୁଆରି ୨୦୨୧ରେ ଚାକିରୀରୁ ଅବସର ନେଇଥିଲେ । ଏହାପରେ ପୁଣି ସେହି ସ୍ଥିତି ସୃଷ୍ଟି ହୋଇଥିଲା । କଟକ ଆର୍‌ଡିସି ଅନିଲ ସାମଲଙ୍କୁ ସମ୍ବଲପୁରର ଅତିରିକ୍ତ ଦାୟିତ୍ୱ ଦିଆଗଲା । ଶ୍ରୀ ସାମଲଙ୍କ ଅବସର ପରେ ସମ୍ବଲପୁର ଆର୍‌ଡିସିଙ୍କ ସଚିବ ଭି.ପି.କେ ଏକ୍କା ଗତ ୧ ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ କାମଚଳା ଆର୍‌ଡିସି ରହିଥିଲେ । ୧୭ ଅକ୍ଟୋବର ୨୦୨୧ରେ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ସମ୍ବଲପୁର ଆର୍‌ଡିସି ଭାବେ ଯୋଗଦେଇଥିଲେ । ମାତ୍ର କିଛିମାସ ପରେ ସେ କଟକ ଆର୍‌ଡିସି ଭାବେ ଅତିରିକ୍ତ ଦାୟିତ୍ୱ ପାଇଥିଲେ । ଫଳରେ ସେ ବି ଅଧିକାଂଶ ସମୟ କଟକରେ ଅବସ୍ଥାନ କରୁଥିଲେ । ଜାନୁଆରି ୨୦୨୪ରେ ଡକ୍ଟର ଦଳେଇଙ୍କ ଅବସର ପରେ ମାତ୍ର ୬ ମାସ ପାଇଁ ଶ୍ରୀକାନ୍ତ ପୃଷ୍ଟି ଆସିଥିଲେ । ଶ୍ରୀ ପୃଷ୍ଟିଙ୍କ ଠାରୁ ଦାୟିତ୍ୱ ନେଇଥିବା ଶ୍ରୀ ଯାଦବଙ୍କୁ ଅନ୍ୟତ୍ର ବଦଳି ପରେ ଏକ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇଛି ।

## ସ୍ୱଳ୍ପ ସଞ୍ଚୟ ସୁଧହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ : କେନ୍ଦ୍ର ସରକାର ଅକ୍ଟୋବର ଡିସେମ୍ବର ତିନିମାସ ଲାଗି ସ୍ୱଳ୍ପ ସଞ୍ଚୟ ସୁଧହାରକୁ ଲଗାତର ୭ମ ଥର ଲାଗି ଅପରିବର୍ତ୍ତିତ ରଖିଛନ୍ତି । ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ୍ ବା ପିପିଏଫ୍ ଉପରେ ସୁଧହାର ୭.୧% ରହିଛି । ସେହିଭଳି ଡାକଘର ସ୍ଥାୟୀ ଜମା, ସୁକନ୍ୟା ସମୃଦ୍ଧି ଯୋଜନା, ନ୍ୟାଶନାଲ ସେଭିଂ ସାର୍ଟିଫିକେଟ ସୁଧହାରରେ ମଧ କୌଣସି ପରିବର୍ତ୍ତନ ହୋଇନାହିଁ । ସ୍ୱଳ୍ପ ସଞ୍ଚୟ ସ୍କିମରେ ସୁଧହାର ୪%ରୁ ୮.୨% ରହିଛି । ସରକାର ଏହି ଯୋଜନା ଗୁଡ଼ିକ ଉପରେ ସୁଧହାର ସମ୍ପର୍କରେ ନିଷ୍ପତ୍ତି ନେବା ଆଗରୁ ଦେଶର ନଗଦ ଏବଂ ଦରଦାମ ସ୍ଥିତିକୁ ବିଚାର କରିଥାନ୍ତି । ପ୍ରତି ୩ ମାସରେ ଏହାର ସମୀକ୍ଷା ହୋଇଥାଏ । ଏବେ ଡାକଘର ସଞ୍ଚୟ ଆକାଉଣ୍ଟରେ ୪%, ମାସିକ ଆୟ ସ୍କିମ ୭.୪%, ୧ ବର୍ଷିଆ ଟାଇମ ଡିପୋଜିଟ୍ ୬.୯%, ୨ ବର୍ଷ ପାଇଁ ୭%, ୩ ବର୍ଷ ଏବଂ ୫ ବର୍ଷ ପାଇଁ ଯଥାକ୍ରମେ ୭.୧% ଓ ୭.୫% ରହିଛି । ଏହାବାଦ କିଶାନ ବିକାଶ ପତ୍ର ୭.୫%, ସୁକନ୍ୟା ସମୃଦ୍ଧି ୮.୨%, ନ୍ୟାଶନାଲ ସେଭିଂ ସାର୍ଟିଫିକେଟ ୭.୭% ଏବଂ ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ ୮.୨% ସୁଧହାର ମିଳିବ ।

## ସମ୍ବଲପୁରରେ ୭୦ ଜାଗାରେ ଦୁର୍ଗାପୂଜା

ସମ୍ବଲପୁର : ସମ୍ବଲପୁର ସହରର ଅଇଁଠାପାଲି ଠାରୁ ଧନୁପାଲି ଏବଂ ମାନେଶ୍ୱର ପର୍ଯ୍ୟନ୍ତ ୭୦ଟି ଦୁର୍ଗାପୂଜା ମଣ୍ଡପରେ ଦୁର୍ଗାପୂଜା ହୋଇଥିଲା । ଫାଟକରେ ଇନ୍ଦ୍ରପ୍ରସ୍ଥ ଡିଜାଇନରେ ମେଢ଼ ତିଆରି କରାଯାଇଥିବା ବେଳେ ଉଜ୍ଜ୍ୱଳ ଆଲୋକମାଳା ବେଶ୍ ଆକର୍ଷକ ହୋଇଥିଲା । ଭିନ୍ନ ଢଙ୍ଗର ମେଢ଼ ଭାବେ ହାଟପଡ଼ା ଓ ଦଳେଇପଡ଼ାର ମେଢ଼ ମଧ ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା । ମହାନଗର ଅଞ୍ଚଳରେ ଥିବା ୭୦ଟି ମେଢ଼ ମଧରୁ 'ଏ' କେଟାଗୋରିର ୨୨ଟି ମେଢ଼ ଥିଲା । ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

## ତାଳପଟିଆରେ ଦୁର୍ଗାପୂଜା

ଝାରସୁଗୁଡ଼ା : ତାଳପଟିଆ ଗ୍ରାମରେ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଶମ୍ଭୁ ପ୍ରସାଦ ନାୟକ ଏବଂ ତାଙ୍କ ଧର୍ମପତ୍ନୀ ଝରଣା ପୂଜାରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଗତ ୪୧ ବର୍ଷ ଧରି ହୋଇ ଆସୁଥିବା ଏହି ପୂଜାରେ ଚଳିତବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅପେରା ପରିବେଷଣ ହୋଇଥିଲା । ପୂଜା କମିଟିର ସଭାପତି ଅଶ୍ୱିନୀ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପିଙ୍କଲ ପଟେଲ, ସଂପାଦକ ଲୋକେଶ ସାହୁ, ଶ୍ରୀୟମ ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାବଣ ପୋଡ଼ି ମଧ ହୋଇଥିଲା ।

# ବୁର୍ଲାରେ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବ ବାଦୀପାଲା

ବୁର୍ଲା: ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ର ପକ୍ଷରୁ ଆଗାମୀ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ତ୍ରିଦିବସିୟ ବାଦୀପାଲା ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ପାଲା ଗାୟକ ପଶ୍ଚିମ ସମ୍ରାଟ ଗାୟକ ରାଧେଶ୍ୟାମ ପଣ୍ଡା, ପଶ୍ଚିମ କେଶରୀ ଗାୟକ ଅର୍ଜୁନ ଛତ୍ରିଆ, ଗାୟକ ସୁଧାକର ମାଗୁଣି ମହାକୁଡ଼, ପଶ୍ଚିମ ଯୁବ ସମ୍ରାଟ ଦେବରାଜ ପଣ୍ଡା, ଗାୟକ ଶାସ୍ତ୍ର ବିଶାରଦ ଗାୟକ କମଳାକାନ୍ତ ନାୟକ, ଶୃଙ୍ଗାର ବିଭୂଷଣ ଗାୟକ ବାଞ୍ଛାନିଧି ପ୍ରଧାନ ଆଦି ଏହି ଉତ୍ସବରେ ଯୋଗଦେଇ ପାଲା ପରିବେଷଣ କରିବା ସହିତ ଲୁପ୍ତପ୍ରାୟ ହେବାକୁ ଯାଉଥିବା ପାଲାର ପୁନଃରୁଥାନ ସହ ଆଗାମୀ ପିଢ଼ିମାନଙ୍କୁ ଆମର କଳା ସାହିତ୍ୟ ସଂସ୍କୃତି ସହ ଯୋଡିବା ପାଇଁ ଏହା ଏକା ପ୍ରକୃଷ୍ଟ ଓ ଉତ୍କୃଷ୍ଟ ମାଧମ ବୋଲି ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ଏଥିସହ ଏଇ ତ୍ରିଦିବସୀୟ ବାଦିପାଲା ଉତ୍ସବରେ ବିଶିଷ୍ଟ ସଂସ୍କୃତି ଗବେଷକ ଡ଼କ୍ଟର ଶ୍ୟାମସୁନ୍ଦର ଧର, ଡକ୍ଟର ଶୁକମୁନି ମେହେର, ଡ଼କ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ରାମକୃଷ୍ଣ ରଥ ଆଦି ସମୀକ୍ଷକ ଭାବେ ଯୋଗଦେବେ । ପ୍ରତ୍ୟହ ସନ୍ଧ୍ୟା ୫ ଟା ରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବରେ ବୁର୍ଲାର ଆବାଳ ବୃଦ୍ଧ ବନିତା ଯୋଗଦେଇ ଏହାର ମହତ୍ୱ ଓ ଗୁରୁତ୍ୱ ବୁଝିବା ସହ ଏଇ ଭବ୍ୟ ଉତ୍ସବକୁ ଉପଭୋଗ କରିବାପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ଭାରତୀ କଳା ବିକାଶ କେନ୍ଦ୍ରର ଉପଦେଷ୍ଟା ରଣଜିତ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମୀଧର ମହାନ୍ତି, ସାଂସ୍କୃତିକ ସମ୍ପାଦକ ରଶ୍ମି ରଞ୍ଜନ ଶତପଥି, ଅଶ୍ୱିନୀ ଆଚାର୍ଯ୍ୟ, ଗୁରୁ ସତ୍ୟବ୍ରତ ସାହୁ, ଗୁରୁ ଫଗୁଣ ସେଠ ଏବଂ ସଂଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଫଳତା ପାଇଁ ସକ୍ରିୟ ସହଯୋଗ କରୁଛନ୍ତି ।

## ପ୍ରଥମ ଆଦିବାସୀ ଯୁବତୀଙ୍କ ପିଏଚ୍‌ଡି

ନୂଆପଡ଼ା : ସୁନାବେଡ଼ା ଉପତ୍ୟକାର ଆଦିମ ଜନଜାତି ଛାତ୍ରୀ ପ୍ରଥମ କରି ପିଏଚ୍‌ଡି ଲାଭ କରିଥିବା ଜୟମନୀ ଝାଙ୍କରଙ୍କୁ ଜିଲ୍ଲାପାଳ ମଧୁସୁଦନ ଦାଶ ତାଙ୍କ ନିବାସ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଧରମବନ୍ଧା ସେବାଶ୍ରମ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ ସୁନାବେଡ଼ା ଉପତ୍ୟକାରେ ବସବାସ କରୁଥିବା ଜୟମନି, ଚାକୋଟିଆ ଭୁଞ୍ଜିଆ ଆଦିମ ଜନଜାତି ବର୍ଗର ଆଦିବାସୀ ଛାତ୍ରୀ । ବାପା ବିଜୟ ଝାଙ୍କର ଓ ମାତା ବୈଦେହୀଙ୍କର ତୃତୀୟ କନ୍ୟା । ଜୟମନି ପ୍ରାଥମିକ ତଥା ହାଇସ୍କୁଲ ଶିକ୍ଷା ସୁନାବେଡା ଗୁରୁକୁଳ ଆଶ୍ରମରେ ଆରମ୍ଭ କରି ଧରମ ବନ୍ଧାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପାସ କରି ଖଡ଼ିଆଳ କଲେଜରେ ଯୁକ୍ତ ତିନି ପାସ କରିଥିଲେ । ପରେ ଗାଁରୁ ପାଦ କାଢି କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସରେ ସ୍ନାତକୋତର ପରେ ହରବାଲ ମେଡ଼ିସିନ ଉପରେ ପିଏଚ୍‌ଡି ଲାଭ କରିପାରିଛନ୍ତି ।

## ଝାରସୁଗୁଡ଼ାରେ ଦୁର୍ଗାପୂଜା ଓ ରାବଣ ପୋଡ଼ି



ଝାରସୁଗୁଡା : ଝାରସୁଗୁଡ଼ା ସହରରେ ୨୨ ଟି ସ୍ଥାନରେ ଚଳିତ ବର୍ଷ ଦୁର୍ଗାପୂଜା ହୋଇଥିଲା । ଏଥିପାଇଁ ସମଗ୍ର ସହର ଆଲୋକମାଳାରେ ଝଲସି ଉଠିବା ସାଙ୍ଗକୁ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ, ଡାଣ୍ଡିଆ ନୃତ୍ୟ ଏବଂ ଗର୍ବାରେ ପୂଜା ମଣ୍ଡପ ଗୁଡିକ ଦୁଲୁକି ଉଠିଥିଲା । ଖାସ୍‌କରି ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବା ସରବାହାଲର ଓମ୍ ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି, ମଙ୍ଗଳବଜାରର ଶିବଶକ୍ତି ଦୁର୍ଗାପୂଜା କମିଟି, କାଳିବାଡ଼ି ଦୁର୍ଗାପୂଜା କମିଟି, ଟାଉନ୍ ଦୁର୍ଗାପୂଜା କମିଟି, ଝଣ୍ଡା ଚୌକର ମାଁ ସିଂହବାହିନୀ ଦୁର୍ଗାପୂଜା କମିଟି, ବିଟିଏମ୍ ଦୁର୍ଗାପୂଜା କମିଟି, ଚୌକିପଡ଼ା ଦୁର୍ଗାପୂଜା କମିଟି, ପୁରୁଣାବସ୍ତି ଦୁର୍ଗାପୂଜା କମିଟି, ବଡ଼େଇମୁଣ୍ଡା ଦୁର୍ଗାପୂଜା କମିଟି ଓ ରେଳବାଇ କଲୋନୀ ଦୁର୍ଗାପୂଜା କମିଟି ପକ୍ଷରୁ ହୋଇଥିବା ଆଲୋକସଜ୍ଜା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସହରର ଦୁଇ ପ୍ରମୁଖ ପୂଜା କମିଟି ପକ୍ଷରୁ ମଧ ମହାସମାରୋହରେ ରାବଣ ପୋଡ଼ି ଉତ୍ସବ ପାଳିତ ହୋଇଥିଲା । ମଙ୍ଗଳବଜାରର ଶିବଶକ୍ତି ପୂଜା କମିଟି ପକ୍ଷରୁ ଦଶହରା ଉତ୍ସବ ଆୟୋଜିତ ହୋଇଥିଲା । ମନମୋହନ ପଡ଼ିଆରେ ଉତ୍ସବରେ ରାବଣ ପୋଡ଼ି କରାଯିବା ସହ ଆତସବାଜି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ସମାରୋହର କମିଟିର ପୃଷ୍ଠପୋଷକ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଯୁବନେତା ଦୁର୍ଗେଶ ମହାନ୍ତି, ଉପ ନଗରପାଳ ରାଜୁ ପାଣିଗ୍ରାହୀ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅଓସ୍ଥି, କମିଟିର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ । ରାବଣ ପୋଡ଼ି ଦେଖିବାକୁ ବହୁ ଜନ ସମାଗମ ହୋଇଥିଲା ।



ସେହିପରି ସରବାହାଲର ଓଁ ଶ୍ରୀ ପୂଜା କମିଟି ତରଫରୁ ହାଇସ୍କୁଲ୍ ପଡିଆରେ ରାବଣ ପୋଡ଼ି ଉତ୍ସବ ଅୟୋଜିତ ହୋଇଛି । ଏଥିରେ ପୂର୍ବତନ ବିଧାୟିକା ଦିପାଳୀ ଦାସ ଏବଂ ବିଶାଳ ଦାସ ଅତିଥି ଭାବେ ଯୋଗ ଦେଇ ରାବଣ ବଧ କରିଥିଲେ । ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟାଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର ଦୀକ୍ଷିତ, ଉପ ସଭାପତି ପିଣ୍ଟୁ ପାଢ଼ୀ, ରାଜେଶ ପାଢ଼ୀ, ମଣ୍ଟୁ ପଣ୍ଡା, ମାନସ ରାୟ, ଆଭାସ ଦୀକ୍ଷିତ, ଆଲୋକ ପାଣିଗ୍ରାହୀ, ରବି ନାରାୟଣ ହୋତା, ଲୁଲୁ ପଣ୍ଡା, ଶିବାଶିଷ ପଟ୍ଟନାୟକ ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ଭୋଜନ ବିଧି



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ବ**ଞ୍ଚିବାକୁ ହେଲେ ଖାଇବାକୁ ପଡେ । ଖାଦ୍ୟ ବିନା ବଞ୍ଚିବା ଅସମ୍ଭବ । ମଣିଷର ଏହା ଏକ ସର୍ବନିମ୍ନ ଆବଶ୍ୟକତା । ଖାଦ୍ୟ ଶକ୍ତି ଯୋଗାଏ । ଶରୀର ବୃଦ୍ଧିରେ ସାହାଯ୍ୟ କରେ । ପୋଷକ ତତ୍ତ୍ୱରୁ ରୋଗ ପ୍ରତିରୋଧକ ଶକ୍ତି ମିଳେ । କାମ କରିବାକୁ ବଳ ଆସେ । ମନ ଓ ମିଜାଜ ଠିକ ରୁହେ । ନଖାଇ ଜଣେ ସପ୍ତାହେରୁ ଦୁଇ ମାସ ପର୍ଯ୍ୟନ୍ତ ବଞ୍ଚିପାରିବ । ସନ୍ତୁଳିତ ଓ ସୁଷମ ଖାଦ୍ୟ ଅଭାବରେ ଯେମିତି ଶରୀର ରୋଗାଗ୍ରସ୍ତ ହୁଏ ଠିକ ସିମିତି ଭୋଜନ କରିବାର ମୌଳିକ ନିୟମ ଅନୁପାଳନ ନ କଲେ ସ୍ୱାସ୍ଥ୍ୟରେ ଅବନତି ଘଟେ । ବାସ୍ତୁ, ବିଜ୍ଞାନ ଓ ଆୟୁର୍ବେଦ ଶାସ୍ତ୍ରାନୁମୋଦିତ ଭୋଜନ ଗ୍ରହଣବିଧି ଶରୀର ପାଇଁ ସର୍ବଦୈବ ଲାଭଦାୟକ ଅଟେ ।

ରକ୍ତ ସଂଚାଳନ ସ୍ୱାଭାବିକ ଥିଲେ ଭୋଜନ କରିବା ଉଚିତ । ତୀବ୍ର କିମ୍ବା ଧିମା ରକ୍ତ ସଂଚାଳନ ହେଉଥିଲେ ଖାଦ୍ୟ ଖାଇବା ଠିକ ନୁହଁ । ଦଣ୍ଡାୟମାନ ଓ ଚଳପ୍ରଚଳାବସ୍ଥାରେ ରକ୍ତ ଚାପ ତେଜ, ଶୟନାବସ୍ଥାରେ ଧିମା ଓ ବସିବାବସ୍ଥାରେ ସ୍ୱାଭାବିକ ରହିଥାଏ । ଛିଡା ହୋଇ, ଶୋଇ ରହି କିମ୍ବା ଚଲାବୁଲା କରି ଖାଇବା ଅନୁଚିତ । ଭୂଇଁରେ ଆସନ ଉପରେ ଚକାପାରି ବସି ଭୋଜନ କଲେ ଭଲ । ଅନ୍ୟ ତିନି ଅବସ୍ଥାରେ ଭୋଜନ ବର୍ଜନୀୟ ଅଟେ । ଖାଦ୍ୟଥାଳି ତଳେ ରହିଲେ ଖାଉଥିବା ବ୍ୟକ୍ତିକୁ ବାରମ୍ବାର ଝୁଙ୍କିବାକୁ ପଡେ ଯଦ୍ୱାରା ପେଟ ମଧ ବାରମ୍ବାର ସଂକୁଚିତ ହୁଏ ଓ ପୁଣି ନିଜ ସ୍ୱାଭାବିକ ଅବସ୍ଥାକୁ ଲେଉଟେ । ଏହାଦ୍ୱାରା କ୍ରମାକୁଞ୍ଚନ ଗତି ଭଲ ରୁହେ । ତଳେ ବସି ଅଧିକ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବାରେ ଅସୁବିଧା ସୃଷ୍ଟି ହୁଏ । କିନ୍ତୁ ଚୌକିରେ ବସି ଖାଇଲେ ପେଟ ଢିଲା ପଡିବା ଦ୍ୱାରା ଅଧିକ ଖାଇ ହୋଇଯାଏ । ଏହାର କୁପ୍ରଭାବ ପାଚନ ତନ୍ତ୍ର / ପ୍ରଜନନ ପ୍ରଣାଳୀ ଉପରେ ପଡିଥାଏ । ପେଟର ଦୁଇ ଭାଗରୁ ଏକ ଭାଗ ଖାଦ୍ୟ, ଚାରି ଭାଗରୁ ଏକ ଭାଗ ପାଣି ଏବଂ ଅବଶିଷ୍ଟ ଏକ ଚତୁର୍ଥାଂଶ ପବନ ପାଇଁ ସଂରକ୍ଷିତ ରଖିବା ଆବଶ୍ୟକ ।

ଦିନତମାମ କାମରେ ବ୍ୟସ୍ତ ରହିବାରୁ ବିଭିନ୍ନ ହାନିକାରକ ବେକ୍ଟେରିଆ ଓ ଭାଇରସ ଶରୀର ସଂସ୍ପର୍ଶରେ ଆସିବାର ସମ୍ଭାବନା ଥାଏ । ତେଣୁ ଖାଦ୍ୟ ଖାଇବା ପୂର୍ବରୁ କହୁଣୀ ପର୍ଯ୍ୟନ୍ତ ଦୁଇ ହାତ, ଆଣ୍ଠୁ ପର୍ଯ୍ୟନ୍ତ ଦୁଇ ଗୋଡ଼ ଓ କାନ ପର୍ଯ୍ୟନ୍ତ ମୁହଁ ଭଲ ଭାବେ ଧୋଇବା ଜରୁରୀ । ଅପର୍ଯ୍ୟାପ୍ତ ପାଣି, ଚା, କଫି, ବିଡି, ସିଗାରେଟ, ଗୁଟଖା, ତମ୍ବାଖୁ ଆଦି ସେବନ ଲାଳ ଗ୍ରନ୍ଥିକୁ ନିଷ୍କ୍ରିୟ କରିଦେଇଥାଏ । ଭୋଜନ ପୂର୍ବରୁ ଦୁଇ ପୁଟୁକା ପାଣି ୩୨ ଥର ଲେଖାଏଁ କୁରୁଳା କରି ପିଇଲେ ଲାଳଗ୍ରନ୍ଥି ସକ୍ରିୟ ହୁଏ । ଯଥେଷ୍ଟ ମାତ୍ରାରେ ଲାଳ କ୍ଷରଣ ହୁଏ ଓ ଅଧିକ ଟାଇଲିନ ମିଳେ ଯାହା ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ । ଖାଦ୍ୟପଦାର୍ଥ ଓ ଶରୀରର ତାପମାନ ପାଖାପାଖି ସମାନ ରହିଲେ ହଜମ ପ୍ରକ୍ରିୟା ଠିକ ରୁହେ । ଅଧିକ ଗରମ କିମ୍ବା ଅଧିକ ଥଣ୍ଡା ଖାଦ୍ୟ ଏବଂ ପାନୀୟ ଶରୀର ପକ୍ଷେ କ୍ଷତିକାରକ । ଅଧିକ ଗରମ ଖାଦ୍ୟ ଖାଇଲେ ମାଢି ଓ ଦାନ୍ତର ଏନାମେଲ କ୍ଷୟ, ପିତ୍ତ ବୃଦ୍ଧି ,ଏସିଡିଟି ,ଅଲସର ଭଳି ଉପସର୍ଗ ଦେଖାଦିଏ । ଅଧିକ ଥଣ୍ଡା ଖାଦ୍ୟ, କୋଲଡ଼ ଡ୍ରିଙ୍କ୍ସ, ଆଇସକ୍ରିମ ଇତ୍ୟାଦି ସେବନ କଲେ ପେଟ ଭିତରେ ତାଙ୍କ ତାପମାନ ଶରୀରର ତାପମାନ ସହ ପାଖାପାଖି ସମାନ ହେବା ଯାଏ ପାଚନ ପ୍ରକ୍ରିୟା ବନ୍ଦ ରୁହେ । ଖାଦ୍ୟ ଖାଇବା ବେଳେ ପ୍ରଥମେ ମିଠା, ମଝିରେ ଲୁଣିଆଁ ଓ ଖଟା ଓ ସବାଶେଷରେ ତିଖା ଓ ପିତା ଖାଇବା ଉଚିତ । ପ୍ରଥମେ ମିଠା, ମଝିରେ ଲୁଣି ଓ ଖଟା ଖାଇଲେ ପିତ୍ତ ବୃଦ୍ଧି ହୁଏ ଯାହା ହଜମରେ ସାହାଯ୍ୟ କରେ । ପେଟ ପୁରିଆସିଲା ବେଳକୁ କଫର ପ୍ରବଳତା ଦମନ ପାଇଁ ତିଖା ଓ ପିତା ଖାଦ୍ୟ ଆବଶ୍ୟକ । ଖାଇସାରି ମିଠା ଖାଇଲେ ଦେହରେ ଚର୍ବିବୃଦ୍ଧିର ସମ୍ଭାବନା ଥାଏ । ସେତିକି ଓ ସେହି ଖାଦ୍ୟ ଖାଇବା ଭଲ ଯେତିକି ଏବଂ ଯାହା ହଜମ କରିହେବ । ଖାଦ୍ୟ ପରିବେଶାନୁକୂଳ ହେଲେ ଉତ୍ତମ । ସାତ୍ତ୍ୱିକ, ରାଜଷିକ ଓ ତାମସିକ ଖାଦ୍ୟ ଯଥାଯୋଗ୍ୟ ଓ ଯଥାମାତ୍ରାରେ ଖାଇବା ବାଞ୍ଛନୀୟ । ସାତ୍ତ୍ୱିକ ଖାଦ୍ୟରେ ଯଥେଷ୍ଟ ମାକ୍ରୋ ଓ ମାଇକ୍ରୋ ପୋଷକ ତତ୍ତ୍ୱ ରହିବା ଉଚିତ । ଖାଦ୍ୟ ପଦାର୍ଥ ଚୋବେଇ ଚୋବେଇ ଖାଇଲେ ଶୀଘ୍ର ହଜମ ହୋଇଥାଏ ।

ରୋଷେଇ ଲୌହ ନିର୍ମିତ ବାସନରେ କଲେ ଖାଦ୍ୟରେ ଆଇରନ ମିଳେ ଯାହା ହିମୋଗ୍ଲୋବିନ ମାତ୍ରାକୁ ସ୍ୱାଭାବିକ ରଖେ ଓ ରକ୍ତ ସଂଚାଳନରେ ଅକ୍ସିଜେନ ପ୍ରବାହ ଠିକ ରୁହେ । ତମ୍ବା ଗୁଣବର୍ଦ୍ଧକ ଓ ଗୁଣସଂରକ୍ଷକ । କଂସା ବାତ, କଫ ଓ ପିତ୍ତକୁ ସନ୍ତୁଳିତ ରଖେ । ତମ୍ବା କିମ୍ବା କଂସା ପତ୍ରରେ ପାଣି ଓ କଂସା ବାସନରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟପାଇଁ ହିତକାରକ । ଠିକ ସମୟରେ ଖାଇନେବା ସବୁଠୁ ଭଲ । ଯଥା ସମୟରେ ଖାଦ୍ୟ ନ ମିଳିଲେ ପାଚନ ତନ୍ତ୍ର ଶରୀରରୁ ପୋଷକ ତତ୍ତ୍ୱ ଗ୍ରହଣ କରିବା ଆରମ୍ଭ କରିଦିଏ । ସୁସ୍ଥ ବ୍ୟକ୍ତି ଦିନକୁ ଦୁଇଥର ଓ ରୋଗୀ, ପରିଶ୍ରମ କରୁଥିବା ବ୍ୟକ୍ତି, ଶିଶୁ, ଯୁବକ ଓ ଗର୍ଭବତୀ ମହିଳା ଦିନକୁ ଚାରିଥର ଖାଦ୍ୟ ଖାଇବାବଶ୍ୟକ ।

ସୂର୍ଯ୍ୟାସ୍ତ ପରେ ଖାଦ୍ୟ ଗ୍ରହଣ ନିଷେଧ ଅଟେ । ଶୋଇବା ବେଳେ କ୍ଷୀର ଓ ସୂର୍ଯ୍ୟୋଦୟରେ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ । ଛାଁଚରେ ଲେକ୍ଟୋବେସିଲସ ଥାଏ । ଏହା ଖାଦ୍ୟ ହଜମରେ ସାହାଯ୍ୟ କରେ । ହାନିକାରକ ବେକ୍ଟେରିଆ ଓ ଭାଇରସ ନଷ୍ଟ କରେ । ତେଣୁ ଖାଇସାରି ଛାଁଚ ପିଇବା ଉଚିତ । ସୂର୍ଯ୍ୟସ୍ତ ପୂର୍ବରୁ ରାତ୍ରିଭୋଜନ ଯୋଗୁଁ ରାତିରେ ଶୋଇବା ବେଳେ ଭୋକ ଲାଗିବ ସ୍ୱାଭାବିକ । ଏହି ସମୟରେ କ୍ଷୀରପାନ ବଳ, ବୀର୍ଯ୍ୟ, ଓଜ ବୃଦ୍ଧି କରେ । କିନ୍ତୁ ରାତ୍ରିଭୋଜନ ପରେ ତତ୍‌କ୍ଷଣାତ ଦୁଗ୍ଧପାନ ଏସିଡିଟି ବଢାଏ । ଖାଦ୍ୟ ଓ କ୍ଷୀର ମଧରେ ଅତିକମରେ ଚାରି ଘଣ୍ଟାର ବ୍ୟବଧାନ ରହିବା ଉଚିତ । ତମ୍ବା ପାତ୍ରରେ ଦେଢ଼ ଲିଟର ପାଣି ରଖି ସୂର୍ଯ୍ୟୋଦୟ ସମୟରେ କୁରୁଳା କରି ପିଇଲେ ଲାଭ ମିଳିଥାଏ ।

ନକାରାତ୍ମକଯୁକ୍ତ ଭାବନାରେ ଭୋଜନ ହାନିକାରକ । କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ଭୟ, ରାଗ, ଦ୍ୱେଷ ଇତ୍ୟାଦି ତ୍ୟାଗପୁର୍ବକ ପ୍ରସନ୍ନ ଚିତ୍ତରେ ଭୋଜନ ସର୍ବଦା ଉପଯୋଗୀ । ଭୋଜନରୁ ରସ, ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା ଓ ମଜ୍ଜାରୁ ଶୁକ୍ର ଉତ୍ପନ୍ନ ହୁଏ । ଖାଦ୍ୟ ପରିପାକ ହୋଇ ମଳ, ମୂତ୍ର ସ୍ୱେଦାଦି ନିର୍ଗତ ନହେଲେ ପିତ୍ତ କୁପିତ ରୁହେ । ପରସା ଯାଇଥିବା ଭୋଜନର ନିନ୍ଦା କରିବା ଅନୁଚିତ । ଅସନ୍ତୋଷ ମନରେ କିମ୍ବା ଘୃଣା ଭାବରେ ଭୋଜନ ନାନାଦି ରୋଗ ସୃଷ୍ଟିର କାରଣ । ଅପବିତ୍ର, ରୋଗୀ କ୍ଷୁଧାର୍ତ୍ତ ଏବଂ ଭଲ ପାଉ ନ ଥିବା ବ୍ୟକ୍ତି ହାତରୁ ଭୋଜନ ସର୍ବଦା ବର୍ଜନୀୟ । ଦିନବେଳା ଭୋଜନ ପରେ ପିଠି ବଳରେ ଶୋଇ ୮ ଥର, ଡାହାଣ କଡରେ ଶୋଇ ୧୬ ଥର ଓ ବାମ କଡରେ ଶୋଇ ୩୨ ଥର ଗଭୀର ଶ୍ୱାସ କିମ୍ବା ଆଠରୁ ଦଶ ମିନିଟ ପର୍ଯ୍ୟନ୍ତ ବଜ୍ରାସନ ଅଥବା ବାରରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଦକ୍ଷିଣାବର୍ତ୍ତରେ ପେଟ ଉପରେ ହାତ ବୁଲେଇଲେ ପେଟରୋଗ ହୁଏନହିଁ । ରାତ୍ରିଭୋଜନ ପରେ ପନ୍ଦରରୁ କୋଡିଏ ମିନିଟ ପର୍ଯ୍ୟନ୍ତ ଆରାମରେ ବସିବା ପରେ ପେଟ ହାଲୁକା ଅନୁଭବ ହେବା ପର୍ଯ୍ୟନ୍ତ ଚଳପ୍ରଚଳ କଲେ ଖାଦ୍ୟ ହଜମ ହୁଏ । ଭୋଜନ ପରେ ତତକ୍ଷଣାତ ଶୋଇଲେ ମନ୍ଦାଗ୍ନି ହୁଏ । ସୁସ୍ଥ ଶରୀର ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଦରକାର । ଚବିଶ ଘଣ୍ଟାରେ ନିଜ ଓଜନର ପାଞ୍ଚ ପ୍ରତିଶତ ପାଣି ପିଇବା ଉଚିତ । ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ଦିନକୁ ତିନିରୁ ଚାରି ଲିଟର ପାଣି ପିଇବା ଆବଶ୍ୟକ । ଭୋଜନ ସର୍ବଦା ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି କଲେ ଶୁଭ ଫଳ ମିଳେ ବୋଲି ବିଶ୍ୱସ ରହିଛି । କ୍ଲାନ୍ତି ଅନୁଭବ କରୁଥିଲେ ବିନା ବିଶ୍ରାମରେ କିମ୍ବା ମଳ ମୂତ୍ରର ବେଗ ଥିଲେ ବିନା ବିସର୍ଜନରେ ଭୋଜନ କରିବା ଅନୁଚିତ । ଅମ୍ଳ ଓ ପିତ୍ତ ବୃଦ୍ଧି ସମୟରେ ଖାଦ୍ୟ ଖାଇବା କଥା ନୁହଁ । ସେହି ସମୟର ଭୋଜନ କରିବା ସ୍ୱାସ୍ଥ୍ୟ ପାଇଁ ଅହିତକର । ବିଜ୍ଞାନ ଓ ଶାସ୍ତ୍ର ସମ୍ମତ ଭୋଜନବିଧି ଅନୁସରଣ କଲେ ସ୍ୱାସ୍ଥ୍ୟ ଭଲ ରୁହେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

# ଧାନ ଦ୍ୱାରା ସୁଖର ପ୍ରାପ୍ତି ହୋଇଥାଏ

**ଜ୍ଞା**ନ, ଧାନ, ଭକ୍ତି ଓ ବୈରାଗ୍ୟର ଅଭ୍ୟାସ ଦ୍ୱାରା କୌଣସି ବି ସାଧକ ପରମପଦ ଓ ପରମସୁଖ ପ୍ରାପ୍ତ କରିପାରେ, କିନ୍ତୁ ଏହା ମଧ ସତ୍ୟ ଯେ ଜ୍ଞାନ, ଧାନ, ଭକ୍ତି ଓ ବୈରାଗ୍ୟ ପ୍ରତି ବିମୁଖ ଅଥବା ବିଚଳିତ ହେବା ଦ୍ୱାରା ଆମେ ସଂସାରର ମାୟାଜାଲରେ ଫସି ନାନାବିଧ ଦୁଃଖର ଶିକାର ହୋଇଥାଉ ଏବଂ ଜୀବନ ଓ ମୃତ୍ୟୁର ଚକ୍ରରେ ଫସି ଜନ୍ମ ଜନ୍ମ ପର୍ଯ୍ୟନ୍ତ ଦୁଃଖ ହିଁ ଦୁଃଖ ପାଇଥାଉ ।

ଏହି ଦୁଃଖରୁ ମୁକ୍ତିର ଗୋଟିଏ ହିଁ ଉପାୟ ଅଛି ଏବଂ ତାହା ହେଉଛି ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତିରୁ ହିଁ ଆମକୁ ଶାଶ୍ୱତ ସୁଖ, ବ୍ରହ୍ମସୁଖ, ପରମ ସୁଖର ପ୍ରାପ୍ତି ହୋଇଥାଏ ଏବଂ ଆମେ ସବୁ ପ୍ରକାର ଦୁଃଖରୁ ମୁକ୍ତ ହୋଇଯାଉ । ଏଣୁ ଆମେ କେବେ ବି ଜ୍ଞାନ, ଧାନ, ବୈରାଗ୍ୟ ଓ ଭକ୍ତିରୁ ବିମୁଖ ହେବା ନାହିଁ, ବିଚଳିତ ହେବା ନାହିଁ, ଏଥପ୍ରତି ଆମେ ସର୍ବଦା ସାବଧାନ ରହିବା ଉଚିତ ।

ଜ୍ଞାନ, ଧାନ, ଭକ୍ତି ଓ ବୈରାଗ୍ୟର ଅଭ୍ୟାସ ଏବଂ ପ୍ରଭାବରୁ ଆମେ ସଂସାରରେ ରହି ମଧ ସାଂସାରିକ ମାୟାଜାଲରୁ ମୁକ୍ତ ରହି ଦୈହିକ, ଦୈବିକ, ଭୌତିକ ତାପଗୁଡ଼ିକରୁ ମୁକ୍ତ ହୋଇ ପାରିବା ଏବଂ ପରିବାର, ସମାଜ, ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟଗୁଡ଼ିକର ସଜୋଟତା ପୂର୍ବକ ପାଳନ କରି ନିଜ ଜୀବନର ପରମ ଲକ୍ଷ୍ୟକୁ ପ୍ରାପ୍ତ କରି ପାରିବା ଅର୍ଥାତ୍ ଆମେ ଜ୍ଞାନ, ଧାନ, ଭକ୍ତି, ଓ ବୈରାଗ୍ୟର ନିତ୍ୟ –ନିରନ୍ତର ଅଭ୍ୟାସ ଦ୍ୱାରା ପରମ ସୁଖକୁ ଲାଭ କରି ପାରିବା ।

ଆମେ ସେତେବେଳେ ଲୌକିକ ଜୀବନରେ, ଭୌତିକ ଜୀବନରେ ମଧ ସୁଖୀ ରହି ପାରିବା ଏବଂ ଆଧାତ୍ମିକ ସୁଖ ତ ମିଳିବା ସୁନିଶ୍ଚିତ । ଏଣୁ ସାଧକ ପ୍ରତ୍ୟେକ ଦୃଷ୍ଟିରୁ ଲାଭାନ୍ୱିତ ହୋଇଥାଏ । ପରନ୍ତୁ ସାଧନା ମାର୍ଗରେ ଚାଲିବା ବେଳେ ଯଦି ମନ ଭିତରେ ନିଜ ସାଧନାର, ଧାନର, ଜ୍ଞାନର, ବୈରାଗ୍ୟର, ଭକ୍ତିର ଅହଂକାର ଉଠିବାରେ ଲାଗେ, ତ ବୁଝିବାକୁ ହେବ ଯେ ଆମର ସାଧନା ଉପଯୁକ୍ତ ଦିଶାରେ ଚାଲୁ ନାହିଁ ।

ଯେତେବେଳେ ସାଧକ ଧାନ, ଜ୍ଞାନ, ଭକ୍ତି ଓ ବୈରାଗ୍ୟର ପ୍ରକୃତ ଅର୍ଥକୁ ଜାଣି ଅଭ୍ୟାସ କରେ, ସେତେବେଳେ ଧୀରେ ଧୀରେ ତା'ର ଆତ୍ମା ଉପରେ ଚଢ଼ିଥିବା ଅଜ୍ଞାନ, ଅବିଦ୍ୟା, ମାୟା, ଅହଂକାରର ଆବରଣ ଲୋପ ହୋଇଯାଏ ଏବଂ ତାକୁ ନିଜର ବାସ୍ତବିକ ସ୍ୱରୂପ ଅର୍ଥାତ୍ ସତ୍-ଚିତ୍-ଆନନ୍ଦ ସ୍ୱରୂପର ବୋଧ ହୋଇଥାଏ । ଯେମିତି ମେଘର ଆବରଣ ହଟିଯିବା ପରେ ଆକାଶରେ ସୂର୍ଯ୍ୟ ଚମକି ଉଠେ ଏବଂ ତଦ୍ୱାରା ପୂରା ଆକାଶ ମଧ ଆଲୋକିତ ହୋଇଯାଏ ।

ଏହି ଆତ୍ମବୋଧରେ ହିଁ ତାକୁ ପରମ ସୁଖ, ବ୍ରହ୍ମ ସୁଖର ଅନୁଭୂତି ହୋଇଥାଏ । ଏହି ସୁଖ ବିଷୟ ଭୋଗ, ସାଂସାରିକ ସୁଖ ସାଧନଗୁଡ଼ିକରୁ ମିଳୁଥିବା ସୁଖ ଭଳି କ୍ଷଣଭଙ୍ଗୁର ନୁହେଁ, ବରଂ ସ୍ଥାୟୀ ହୋଇଥାଏ । କାରଣ ଏହି ସୁଖ ଇନ୍ଦ୍ରିୟଗୁଡ଼ିକରୁ ନୁହେଁ, ଆତ୍ମାରୁ ନିଃସୃତ ହୋଇଥାଏ । ଏହି ସୁଖ ଆତ୍ମାରୁ ନିଃସୃତ କାହିଁକି ଓ କିପରି ହୋଇଥାଏ ?

ଆତ୍ମାରେ ସତତ ବ୍ରହ୍ମଙ୍କ ଚିନ୍ତନ, ବ୍ରହ୍ମଙ୍କ ଧାନ କରିବା ଦ୍ୱାରା ହିଁ ଏହି ସୁଖ ନିଃସୃତ ହୋଇଥାଏ । ଯେହେତୁ ପରମାତ୍ମା ସତ୍-ଚିତ୍-ଆନନ୍ଦ ସ୍ୱରୂପ ଅଟନ୍ତି ଏବଂ ଆତ୍ମା ସେହି ସତ୍-ଚିତ୍ -ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଅଂଶ, ସେଥିପାଇଁ ପରମାତ୍ମାଙ୍କର ସତତ ଚିନ୍ତନ, ମନନ, ଧାନ କରିବା ଦ୍ୱାରା, ଭକ୍ତି କରିବା ଦ୍ୱାରା, ପରମାତ୍ମାଙ୍କ 'ସତ୍-ଚିତ୍ର-ଆନନ୍ଦ' ତତ୍ତ୍ୱ ସାଧକର ଆତ୍ମାରେ ପ୍ରକଟ ହୋଇଥାଏ । ପରମାତ୍ମା ସୁଖର ରାଶି ଅଟନ୍ତି, ଏଣୁ ସେହି ପରମ ସୁଖ ସାଧକର ଆତ୍ମାରୁ ନିଃସୃତ ହୋଇଥାଏ । ପରମାତ୍ମା ଜ୍ଞାନର ରାଶି ଅଟନ୍ତି, ଏଣୁ ସେହି ପରମ ଜ୍ଞାନ ସାଧକର ଆତ୍ମାରେ ପ୍ରକଟ ହୋଇଥାଏ ।

ଆତ୍ମାରେ ପରମାତ୍ମଜ୍ଞାନ ଉଦୟ ହେବା କ୍ଷଣି ମୁଁ ଶରୀର ନୁହେଁ, ବରଂ ସଚ୍ଚିଦାନନ୍ଦ ପରମାତ୍ମାଙ୍କ ଅଂଶ ଆତ୍ମା ବୋଲି ସାଧକକୁ ଅନୁଭବ ହେବାରେ ଲାଗେ । ଶରୀର ନାଶ ହେଲା ପରେ ମଧ ମୋର ନାଶ ହୋଇ ନଥାଏ । କାରଣ ମୁଁ ଅଜନ୍ମା, ନିତ୍ୟ, ସନାତନ ଓ ପୁରାତନ । ଶରୀର ମରିଯିବା ଦ୍ୱାରା ଶରୀରର ମୃତ୍ୟୁ ହୋଇଥାଏ, ମୋର ନୁହେଁ । ଏହି ଶରୀର ତ ମୋ ଆତ୍ମାର ବସ୍ତ୍ର ମାତ୍ର । ଯେମିତି ମୁଁ ପୁରୁଣା ବସ୍ତ୍ରକୁ ତ୍ୟାଗ କରିଥାଏ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

**କୌ**ଣସି ପଦାର୍ଥ ପାଇବାକୁ ହେଲେ ଆମେ ତା'ର ଗୁଣ, ପ୍ରାପ୍ତିସ୍ଥାନ ଇତ୍ୟାଦି ସମ୍ବନ୍ଧ ପ୍ରଥମେ ବୁଝୁ । ସେହିଭଳି ଈଶ୍ୱରଙ୍କୁ ପାଇବା ପାଇଁ ତାଙ୍କର ଗୁଣ, କର୍ମ ଓ ଅବସ୍ଥିତି ସମ୍ପର୍କରେ ଜ୍ଞାନ ଆହରଣ କରିବା ଆବଶ୍ୟକ । ଜ୍ଞାନ ହିଁ ମନୁଷ୍ୟର ଆଧାତ୍ମିକ ଚେତନାର ମୌଳିକ ଉତ୍ସ । ଜ୍ଞାନ ହିଁ ଈଶ୍ୱର ପ୍ରାପ୍ତିର ସର୍ବୋତ୍ତମ ପଥ । ଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି, ଈଶ୍ୱର ଏକ, ନିରାକାର, ସୃଷ୍ଟିକର୍ତ୍ତା, ପାଳନ ଓ ପ୍ରଳୟ କର୍ତ୍ତା । ସେ ସର୍ବବ୍ୟାପୀ, ସର୍ବଜ୍ଞ, ଅନାଦି, ଅନନ୍ତ ଓ ପ୍ରାଣୀ ମାନଙ୍କର କର୍ମଫଳ ଦାତା । ପ୍ରଭୁ ପରମେଶ୍ୱରଙ୍କ ସମ୍ବନ୍ଧେ ଏହିସବୁ ସତ୍ୟଜ୍ଞାନ ଜାଣିବା ପରେ ଭକ୍ତି ମାଧମରେ ତାଙ୍କୁ ପ୍ରାପ୍ତ କରିହୁଏ । ଈଶ୍ୱରୀୟ ଆଜ୍ଞା, ନୀତି ଓ ମାର୍ଗ ଦର୍ଶନକୁ ନିଷ୍ଠା ଓ ବିଶ୍ୱାସର ସହ ପାଳନ କରିବା ଭକ୍ତି ଅଟେ । ଭକ୍ତି ଦ୍ୱାରା ଆତ୍ମା ଈଶ୍ୱରଙ୍କ ପ୍ରତି ଆକର୍ଷିତ ହୋଇଥାଏ । ଈଶ୍ୱର ସ୍ତୁତି, ପ୍ରାର୍ଥନା, ଯୋଗ ଯଜ୍ଞାଦି ଭାକ୍ତିକ କର୍ମ ଈଶ୍ୱର ପ୍ରାପ୍ତିର ଶ୍ରେଷ୍ଠ ମାଧମ । ବୈଦିକ ଶାସ୍ତ୍ରର ଦୃଷ୍ଟି ଓ ଦର୍ଶନ ସତ୍ୟ ଉପରେ ଆଧାରିତ । ତେଣୁ ଈଶ୍ୱରଙ୍କ ସାନ୍ନିଧ ଲାଭ ନିମନ୍ତେ ଏହି ସତ୍ୟ ଶାସ୍ତ୍ରର ମାର୍ଗ ଅନୁସରଣୀୟ । ପରମାତ୍ମା ଆମ ହୃଦୟ ମଧରେ ସର୍ବଦା ବିଦ୍ୟମାନ । ତାଙ୍କୁ ପାଇବାର ସବୁଠାରୁ ନିକଟତମ ସ୍ଥାନ ଆମ ହୃଦୟ । ତେଣୁ କସ୍ତୁରୀ ମୃଗ ଭଳି ଏଣେ ତେଣେ ନ ଦୌଡ଼ି ହୃଦୟ ମଧରେ ହିଁ ତାଙ୍କୁ ଉପାସନା କରିବା ଉଚିତ । ମନୁଷ୍ୟ ମଳ, ବିକ୍ଷେପ ଓ ଆବରଣର ଆବର୍ଜନାରୁ ମୁକ୍ତ ହୋଇ ପ୍ରଭୁଙ୍କ ପ୍ରାର୍ଥନା କରିବା ବିଧେୟ । ଦେଖିବେ, ଈଶ୍ୱରୀୟ ଦିବ୍ୟ ପ୍ରେମର ଅନିର୍ବାଣ ଆଲୋକ ଶିଖା ଅନ୍ତଃକରଣକୁ ଆଲୋକିତ କରିବ । ଏଠାରେ ସ୍ମରଣ ରଖିବା ଉଚିତ ଯଦି କୌଣସି ପ୍ରାଣୀ ପ୍ରତି ତୁମେ ଶତ୍ରୁତା ଭାବ ରଖି ତେବେ ଈଶ୍ୱର କେବେ ତୁମର ଭକ୍ତି ନୈବେଦ୍ୟ ଗ୍ରହଣ କରନ୍ତି ନାହିଁ । ତେଣୁ ସମସ୍ତଙ୍କ ସହ ପ୍ରେମ ପୂର୍ବକ ମିତ୍ରତା ସ୍ଥାପନ କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ତତ୍ତ୍ୱତଃ, ପ୍ରତ୍ୟେକ ପ୍ରାଣୀଙ୍କୁ ପ୍ରେମ କରିବା ଏକ ଐଶ୍ୱରୀୟ ଗୁଣ । ଏହା ମଣିଷ ଅନ୍ତରର ଏକ ଅନନ୍ୟ ଆଭୂଷଣ ଅଟେ । ଆସନ୍ତୁ, ଭିକାରୀଟିଏ ହୋଇ ପ୍ରଭୁଙ୍କୁ କୃପା ଭିକ୍ଷା କରିବା । ସେ ନିଶ୍ଚୟ ଆମ ଭିକ୍ଷା ଥାଳ ପୂରଣ କରିବେ । ଆମେ ସେହି କୃପା ବଳରେ ମୋକ୍ଷର ଅନନ୍ତ ମାର୍ଗରେ ଅଗ୍ରସର ହେବା । ଏହା ହିଁ ଜୀବନର ଅନ୍ତିମ ଲକ୍ଷ୍ୟ ଅଟେ ।

ସ୍ତ୍ରୀ ଜ୍ୟୋତି

ବର୍ଷ ୨୯, ସଂଖ୍ୟା - ୪୦, ୫ - ୧୧ ଅକ୍ଟୋବର ୨୦୨୫

# ଜଳବାୟୁ ପରିବର୍ତ୍ତନର ପରିଣାମ

ଉତ୍ତରାଖଣ୍ଡ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଓ କେରଳରେ ବାରମ୍ବାର ବାଦଲଫଟା ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ପ୍ରଳୟ ସୃଷ୍ଟି ହେଉଛି । ବରଫ ଖଣ୍ଡ ତରଳି ଅହେତୁକ ବନ୍ୟା ଆସୁଛି । ଲାଗୁଛି ଯେମିତି ହିମାଳୟ ହିଁ ଭୁଶୁଡ଼ି ପଡୁଛି । ମହାନଗରୀ ଦିଲ୍ଲୀ ଯମୁନା ବନ୍ୟାରେ ଉବୁଟୁବୁ ହେଉଛି । ପଞ୍ଜାବ ବନ୍ୟା ଜଳରେ ଭାସୁଛି । ଭାକ୍ରା-ନଙ୍ଗଲ ଜଳଭଣ୍ଡାର ଉଛୁଳୁଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି । ମୁମ୍ବଇ ଓ ବେଙ୍ଗାଲୁରୁ ମହାନଗରୀ ମଧ୍ୟ ବର୍ଷା ଜଳରେ ବୁଡ଼ିଯାଉଛି । ଓଡ଼ିଶାରେ ମଧ୍ୟ ଅବସ୍ଥା ଊଣାଅଧିକେ ସମାନ । କେଉଁ ଅଞ୍ଚଳରେ ବନ୍ୟା ତ' କେଉଁ ଅଞ୍ଚଳରେ ମରୁଡ଼ି ଭଳି ବିଚିତ୍ର ପରିସ୍ଥିତି ଉପୁଜୁଛି । ଏଭଳି ପରିସ୍ଥିତି ଦେଖି ଲୋକେ ଆତଙ୍କିତ ; କିନ୍ତୁ ପ୍ରତିକାର କରିବାକୁ ପଛୁଆ । ସରକାର ଓ ବିଶେଷଜ୍ଞମଣ୍ଡଳୀ ଜଳବାୟୁ ପରିବର୍ତ୍ତନକୁ ଏଥିପାଇଁ ଦାୟୀ କରୁଛନ୍ତି ।

କହିବା ବାହୁଲ୍ୟ ଯେ ଆଧୁନିକ ମଣିଷ ନିଜ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ଯେଭଳି ପ୍ରକୃତି ଉପରେ ନିରନ୍ତର ଚାପ ସୃଷ୍ଟି କରିଚାଲିଛି, ତା'ର ପରିଣତି ସ୍ୱରୂପ ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଓ ଆକସ୍ମିକ ବିପତ୍ତି ମାଡ଼ି ଆସୁଛି । ପ୍ରାକୃତିକ ଭାରସାମ୍ୟ ଓ ପରିସଂସ୍ଥାନ ବିଗିଡ଼ିବା, ବ୍ୟାପକ ଜଙ୍ଗଲହାନି ସହ ପାହାଡ଼ ଧ୍ୱଂସ କରି ସଡ଼କ ଓ ରେଳପଥ ନିର୍ମାଣ ଦ୍ୱାରା ଜୈବ ବିବିଧତା ଧ୍ୱଂସ କରିବା ହେଉଛି ଏଭଳି ପାହାଡ଼ୀ ବନ୍ୟା ଓ ଭୂସ୍ଖଳନ ପଛର କାରଣ । ପାହାଡ଼ ପାଣିକୁ ଅଟକାଇ ବ୍ୟାରେଜ୍ ନିର୍ମାଣ ଓ ସେଥିରୁ ବିଜୁଳି ଉତ୍ପାଦନ କରିବା, ପର୍ଯ୍ୟଟନର ବିକାଶ ନାଁରେ ବଡ଼ ବଡ଼ ନିର୍ମାଣ, ସହ ନିଷିଦ୍ଧାଞ୍ଚଳରେ ଜନବସତି ବଢ଼ିବା ଆଦି ଅଞ୍ଚଳର ପରିବେଶକୁ ଧ୍ୱଂସାଭିମୁଖୀ କରିଛି । ଜଳଉତ୍ସ ସହ ନଦୀ, ନାଳ ଓ ସମୁଦ୍ର ପୋତି କୋଠା ନିର୍ମାଣ କରାଯାଉଛି । ପାହାଡ଼କୁ କାଟି ଅଟ୍ଟାଳିକା ଗଢ଼ିଉଠୁଛି । ଏହାଦ୍ୱାରା ଋତୁଚକ୍ର ବଦଳିଯାଉଛି ଏବଂ ଜଳବାୟୁ ପରିବର୍ତ୍ତନ, ଅତିବୃଷ୍ଟି, ଅନାବୃଷ୍ଟି ବଢ଼ୁଛି । ବ୍ୟାପକ ଖଣି ଖନନ, ଜଙ୍ଗଲ ଧ୍ୱଂସ ପାହାଡ଼ କଟା ଭଳି ପ୍ରାକୃତିକ ସମ୍ପଦର ମନଇଚ୍ଛା ବ୍ୟବହାର ବିପର୍ଯ୍ୟୟର କାରଣ ହେଉଛି । ବିକାଶ ନାଁରେ ବିନାଶକୁ ଆମନ୍ତ୍ରଣ କରୁଛି ସଭ୍ୟ ସମାଜ, ସୁନ୍ଦର ପୃଥିବୀକୁ ଧ୍ୱଂସମୁଖକୁ ଠେଲିଦେଉଛି । ଏହାକୁ ପର୍ଯ୍ୟଟନ ଶିଳ୍ପର ବିକାଶ ଜନିତ ଦୁଃଖ ବୋଲି କୁହାଯାଇପାରେ ।

ହିମାଳୟ ପାର୍ବତ୍ୟାଞ୍ଚଳରେ କୌଣସି ନିର୍ମାଣ କାର୍ଯ୍ୟକୁ ପରିବେଶମିତ୍ରମାନେ ବର୍ଷ ବର୍ଷ ଧରି ବିରୋଧ କରିଆସୁଛନ୍ତି । ପ୍ରସିଦ୍ଧ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣା ତେହରି ଡ୍ୟାମ୍ ପ୍ରକଳ୍ପ ବିରୋଧରେ ୧୯୮୦-୯୦ ଦଶକରେ ସର୍ବାଧିକ କାଳ ଅନଶନ କରିଥିବା ରେକର୍ଡ ରହିଛି । ସରକାର ଏହି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପାଇଁ ଏତେ ଜିଦ୍ ଧରିଥିଲେ ଯେ ବହୁଗୁଣାଙ୍କ ଅନଶନ ଓ ବହୁ ପରିବେଶବିତ୍‌ଙ୍କ ଆନ୍ଦୋଳନକୁ ବେଖାତିର କରିଥିଲେ । ଏହା ପରଠାରୁ ହିମାଳୟରେ ବହୁସଂଖ୍ୟକ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ଗତ କିଛିବର୍ଷ ଧରି ଚାର୍ ଧାମ୍ ପ୍ରକଳ୍ପ ନାମରେ ହିମାଳୟର ଅଙ୍ଗ ଓ ବିରଳ ମୂଲ୍ୟବାନ୍ ବୃକ୍ଷରାଜିକୁ କାଟି ସଡ଼କ ତଥା ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ କରୁଛନ୍ତି । ଅସଂଖ୍ୟ ଯାନବାହାନ ଚଳାଚଳ ଓ ଏହାର ଘର୍ଘର ନାଦରେ ହିମାଳୟର ଶାନ୍ତ ଶୀତଳ ପରିବେଶ ନଷ୍ଟ ବିନଷ୍ଟ ହୋଇଗଲାଣି । ପାହାଡ଼ର ମାଟିକୁ ଧରି ରଖିବା ପାଇଁ ଆଉ ଯଥେଷ୍ଟ ବୃକ୍ଷରାଜି ନାହିଁ । ଫଳରେ ବାରମ୍ବାର ଭୂସ୍ଖଳନ ସହ ବନ୍ୟାରେ ବିପୁଳ କ୍ଷତି ଘଟୁଛି । ସେହିଭଳି ନଦୀ ନାଳ ପୋତି ଅବିଚାରିତ ନିର୍ମାଣ କାର୍ଯ୍ୟ ମଧ୍ୟ ଧ୍ୱଂସର କାରଣ ହୋଇଛି । ତଥାକଥିତ ବିକାଶ ଆଳରେ ସରକାରଙ୍କ ଭୁଲ୍ ନୀତି ହିଁ ଏହି ଧ୍ୱଂସର କାରଣ ହୋଇଛି ।

ବହୁଗୁଣାଙ୍କ ସତର୍କ ବାଣୀ ଏବେ ସତ ହୋଇଛି ବୋଲି ଯେ କେହି ସ୍ୱୀକାର କରିବ । ଭାରତରେ ଦ୍ରୁତ ସହରୀକରଣ, ଶିଳ୍ପ ବିକାଶ ଆଦି ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇଛି । ବିଶ୍ୱବ୍ୟାଙ୍କ ଓ କେନ୍ଦ୍ର ସହର ବିକାଶ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ମିଳିତ ସର୍ଭେ ରିପୋର୍ଟରୁ ପ୍ରକାଶ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଭାରତୀୟ ସହରଗୁଡିକ ଉପରେ ସିଧାସଳଖ ପଡ଼ିଛି । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶର ୧୦ଟି ବଡ଼ ସହର ଅସହ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ଅତିଶୟ ବର୍ଷାରେ ପ୍ରଭାବିତ ହୋଇଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ସହରଗୁଡିକରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ତଥା ବର୍ଷା ବୃଦ୍ଧି ଯୋଗୁଁ ଅଂଶୁଘାତ ମୃତ୍ୟୁସଂଖ୍ୟା ଦ୍ୱିଗୁଣିତ ହୋଇଛି ।

ବିଶ୍ୱ ଅର୍ଥନୈତିକ ଫୋରମ ପକ୍ଷରୁ ନିକଟରେ ପ୍ରକାଶିତ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଓ ଏହାର ଭୟଙ୍କର ପ୍ରଭାବ ସମ୍ପର୍କରେ ଅତ୍ୟନ୍ତ ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁଯାୟୀ, ଗତ ତିନି ଦଶନ୍ଧି ମଧ୍ୟରେ; ଅର୍ଥାତ୍ ୧୯୯୩ରୁ ୨୦୨୨ ମଧ୍ୟରେ ସମଗ୍ର ବିଶ୍ୱରେ ୯ ଲକ୍ଷ ୪୦୦୦ ଜଳବାୟୁ ପରିବର୍ତ୍ତନ ଜନିତ ଭୟଙ୍କର ଦୁର୍ଘଟଣା ଘଟିଛି ଏବଂ ଏଥିରେ ୭ଲକ୍ଷ ୬୫ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି । ଉଲ୍ଲେଖଯୋଗ୍ୟ ଯେ ଋତୁଚକ୍ର ଅନିୟମିତ ହୋଇ ଅଦିନରେ ଗ୍ରୀଷ୍ମ ପ୍ରବାହ, ବର୍ଷା ଓ ଶୀତ ଅନୁଭୂତ ହେଉଛି । ଏହା ମଣିଷ ସମାଜ ପାଇଁ ସର୍ବାଧିକ କ୍ଷତିକାରକ ସାବ୍ୟସ୍ତ ହୋଇଛି । ଏହି ଅବଧି ମଧ୍ୟରେ ଆର୍ଥିକ କ୍ଷତିର ପରିମାଣ ୪ ଟ୍ରିଲିଅନ ଡଲାର । ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ୧୯୯୩ରୁ ୨୦୨୨ ମଧ୍ୟରେ ଭାରତରେ ୭ଟି ବଡ଼ ଧରଣର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି । ଏହାର ପ୍ରଭାବରେ ଦେଶରେ ୮୦ ହଜାରରୁ ଅଧିକ ଲୋକଙ୍କର ଜୀବନହାନି ଘଟିଛି । ସମ୍ପତ୍ତି କ୍ଷତି ପରିମାଣ ୧୮୦ବିଲିଅନ ଡଲାରରୁ ଅଧିକ ବୋଲି କୁହାଯାଇଛି । ଜଳବାୟୁ ପରିବର୍ତ୍ତନ ଜନିତ ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ ୬ଷ୍ଠ ବୋଲି ଏଥିରେ ଉଲ୍ଲେଖ ରହିଛି । ଏତଦ୍‌ବ୍ୟତୀତ ଭାରତରେ ମୋଟ ଯେତେ ଲୋକଙ୍କ ମୃତ୍ୟୁ ଘଟୁଛି ଏହାର ପ୍ରତି ୧୦ଜଣରେ ଜଣେ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଉଥିବା ରିପୋର୍ଟରେ ଆକଳନ କରାଯାଇଛି । ସହରୀକରଣ ଓ ଶିଳ୍ପ ବିକାଶ ତୁଳନାରେ ପରିବେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଯୋଜନା ପ୍ରସ୍ତୁତ କରାଯିବା ବିଧେୟ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସମାନ ସତର୍କତା ଲୋଡ଼ା । ପାହାଡ଼, ଜଙ୍ଗଲର ସୁରକ୍ଷା ସହ ଅଧିକ ପରିମାଣରେ ଗଛ ଲଗାଇବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଗତ ସପ୍ତାହରେ ଏକ ମାମଲାର ଶୁଣାଣିବେଳେ ଗଛ କାଟିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଯଥେଷ୍ଟ ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରକୃତି ମଣିଷର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଦେଇଛି, ବୁଦ୍ଧିମାନ୍ ମଣିଷ ଲୋଭର ବଶବର୍ତ୍ତୀ ନ ହୋଇ ନିଜର ଭବିଷ୍ୟତ ବିଷୟ ଭାବିବା ଉଚିତ ।

## ମନୁଷ୍ୟର ପ୍ରକୃତିରେ ପରିବର୍ତ୍ତନ

**ମହାତ୍ମା ଗାନ୍ଧୀ**



ଜଣେ ବ୍ୟକ୍ତି ଆପଣାକୁ ସମାଜର ଜଣେ ସେବକ ବୋଲି ଦେଖିବାକୁ ଆରମ୍ଭ କଲା ମାତ୍ରକେ ସେ ସମାଜ ଲାଗି ହିଁ ଅର୍ଥ ବର୍ଜନ କରିବ, ସମାଜର କଲ୍ୟାଣ ଲାଗି ଅର୍ଥକୁ ବ୍ୟୟ କରିବ, ତା'ପରେ ତା'ର ଉପାର୍ଜନଗୁଡିକୁ ପବିତ୍ର ବୋଲି କୁହାଯିବ ଓ ତା'ର ଏହି ଆଚରଣରେ ଅହିଂସା ଅବଶ୍ୟ ରହିଛି ବୋଲି ବୁଝାଯିବ । ପୁନଶ୍ଚ ଯଦି ଅନ୍ୟ ମନୁଷ୍ୟମାନଙ୍କର ଭାବନା ମଧ୍ୟ ଏହି ଜୀବନମାର୍ଗଟି ଆଡକୁ ଆକୃଷ୍ଟ ହୁଏ ତେବେ ସମାଜରେ ଏକ ଶାନ୍ତିପୂର୍ଣ୍ଣ ବିପ୍ଳବ ସଂଘଟିତ ହେବ ଏବଂ ଆଦୌ କୌଣସି ତିକ୍ତତା ସୃଷ୍ଟି ନ କରି ତାହା ଘଟିବ ।

ମନୁଷ୍ୟର ପ୍ରକୃତିରେ ଏପରି ଗୋଟିଏ ପରିବର୍ତ୍ତନ ଘଟିଥିବାର କୌଣସି ଦୃଷ୍ଟାନ୍ତ ଇତିହାସରେ ରହିଛି କି ବୋଲି ପ୍ରଶ୍ନ ହୋଇପାରେ । ଏଭଳି ପରିବର୍ତ୍ତନମାନ ବ୍ୟକ୍ତିମାନଙ୍କର ଜୀବନରେ ଅବଶ୍ୟ ଘଟିଛି । ସେସବୁ କୌଣସି ସମଗ୍ର ସମାଜରେ ଘଟିଛି ବୋଲି ହୁଏତ ଦର୍ଶାଇ ଦେଇ ହେବ ନାହିଁ । ମାତ୍ର ଏହାର କେବଳ ଏତିକି ଅର୍ଥ ହେବ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଅହିଂସାକୁ ନେଇ ଏକ ବୃହତ୍ ଆୟତନରେ କୌଣସି ପ୍ରୟୋଗ କରାଯାଇ ନାହିଁ ।

କୌଣସି ଏକ କାରଣରୁ ଆମ ଭିତରେ ଏକ ଭୁଲ୍ ବିଶ୍ୱାସ ପଶି ଯାଇଛି ଯେ, ଅହିଂସା ହେଉଛି ପ୍ରଧାନତଃ ବ୍ୟକ୍ତିମାନଙ୍କ ଲାଗି ଗୋଟିଏ ଅସ୍ତ୍ର ଏବଂ ସେଥିପାଇଁ ତାହାକୁ ସେହି କ୍ଷେତ୍ରରେ ହିଁ ସୀମାବଦ୍ଧ କରି ରଖାଯିବା ଉଚିତ । ବସ୍ତୁତଃ ଏହା ଆଦୌ ସତ୍ୟ ନୁହେଁ । ଅହିଂସା ଯେ ସମାଜର ମଧ୍ୟ ଏକ ଆଚରଣଯୋଗ୍ୟ ଗୁଣ, ସେଥିରେ କୌଣସି ସନ୍ଦେହ ନାହିଁ । ଏହି ସତ୍ୟଟି ବିଷୟରେ ଲୋକମାନଙ୍କର ହୃଦବୋଧ କରାଇବାକୁ ହିଁ ମୁଁ ଏକାଧାରରେ ପ୍ରୟାସ ଓ ପ୍ରୟୋଗ କରିବାରେ ଲାଗିଛି ।

ନାନା ବିସ୍ମୟ ଘଟି ଯାଉଥିବା ଏହି ଯୁଗରେ, ଗୋଟିଏ ବସ୍ତୁ ବା ବିଚାର ନୂତନ ବୋଲି ତାହାକୁ କେହି କଦାପି ନିରର୍ଥକ ବୋଲି କହିବ ନାହିଁ । ଏହା କଷ୍ଟସାଧ ବୋଲି ଏହାକୁ ଅସମ୍ଭବ ବୋଲି କହିଲେ ମଧ୍ୟ ତାହା ଯୁଗଆତ୍ମାର ଅନୁରୂପ ହେବ ନାହିଁ । ଏପରି କଥାମାନ ଏବେ ପ୍ରାୟ ପ୍ରତ୍ୟହ ଦେଖିବାକୁ ମିଳୁଛି, ଯାହାକୁ କେହି ସ୍ୱପ୍ନରେ ମଧ୍ୟ କଳ୍ପନା କରି ନ ଥିଲେ । କେତେ କେତେ ଅସମ୍ଭବ ସେତେ ସମ୍ଭବ ହେବାରେ ଲାଗିଛି । ହିଂସାର କ୍ଷେତ୍ରରେ ହେଉଥିବା ବିସ୍ମୟକାରୀ ଆବିଷ୍କାରମାନ ଦେଖି ଆମେ ଆଜିକାଲି ସର୍ବଦା ବିସ୍ମିତ ହେବାରେ ଲାଗିଛୁ । ମାତ୍ର ମୁଁ ଏ କଥାଟିକୁ ଅବଶ୍ୟ କହିବି ଯେ ଏହି ଅହିଂସାର କ୍ଷେତ୍ରରେ ହିଁ ଏପରି ଆବିଷ୍କାରମାନ ସମ୍ଭବ ହେବ । ଯାହାକୁ କେହି ସ୍ୱପ୍ନରେ ମଧ୍ୟ କଳ୍ପନା କରି ନାହାନ୍ତି ଓ ଯାହା ଆପାତତଃ ଅସମ୍ଭବ ବୋଲି ମନେ ହୋଇଛି । ଧର୍ମର ଇତିହାସ ଏହିଭଳି ନାନା ଦୃଷ୍ଟାନ୍ତରେ ପୂର୍ଣ୍ଣ ହୋଇ ରହିଛି ।

ଅବଶ୍ୟ ଯଦି ଯେତେ ବେଶୀ ଚେଷ୍ଟା କଲେ ମଧ୍ୟ ଧନୀମାନେ ସମୁଚିତ ଅର୍ଥରେ ଦରିଦ୍ରମାନଙ୍କର ଅଭିଭାବକ ନ ହୁଅନ୍ତି ଏବଂ ଯଦି ଦରିଦ୍ରମାନେ ଅଧିକରୁ ଅଧିକ ନିଷ୍ପେଷିତ ହୋଇ ଭୋକରେ ମରନ୍ତି, ତେବେ ପୁଣି କ'ଣ କରାଯିବ ? ଏହି ପ୍ରହେଳିକାର ସମାଧାନ ବାହାର କରିବାକୁ ଚେଷ୍ଟା କରି ମୁଁ ଏକ ଯଥାର୍ଥ ଏବଂ ଅକାଟ୍ୟ ଉପାୟରୂପେ ଅହିଂସ ଅସହଯୋଗ ଏବଂ ଆଇନ ଅମାନ୍ୟ ପାଖରେ ଆସି ପହଞ୍ଚିଛି । ସମାଜରେ ବାସ କରୁଥିବା ଦରିଦ୍ରମାନଙ୍କର ସହଯୋଗ ବ୍ୟତୀତ ଧନୀମାନେ କଦାପି ସମ୍ପତ୍ତି ଠୁଳ କରି ପାରିବେ ନାହିଁ ।

## ହାଡ଼କୁ ସବଳ କରେ ଦହି

ଓଷ୍ଟିଓପୋରୋସିସ୍ କ୍ରୋନିକ୍ ହେଲେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥାଏ । ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନ୍ ଡେନସିଟିରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଭାରତୀୟଙ୍କ ଘରେ ଦହି ଏକ ସାଧାରଣ ଖାଦ୍ୟ । ଏହା କ୍ୟାଲସିୟମର ଏକ ଉଚ୍ଚମାନର ସ୍ରୋତ । ଏଥି ସହିତ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଓ ପାଚନ କ୍ରିୟାରେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ବୟସ୍କ ଲୋକଙ୍କ ଠାରେ ଏହା ଓଷ୍ଟିଓପୋରୋସିସ୍ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ବୋଲି ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି । ଆୟାର୍ଲ୍ୟାଣ୍ଡ ଡବଲଇନର ଟ୍ରିନିଟି କଲେଜ୍ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନର ଘନତ୍ୱ ବଢ଼ିଥାଏ । ହାଡ଼ର ଶକ୍ତି କମିଗଲେ ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । ୩୦ ବର୍ଷ ପରେ କ୍ୟାଲସିୟମ୍ ଶରୀରରୁ ହ୍ରାସ ପାଇବା ଆରମ୍ଭ ହୋଇଥାଏ । ଏହି ସର୍ବେକ୍ଷଣରୁ ଜଣାପଡିଛି ମହିଳାମାନେ ଖାଦ୍ୟରେ ଦହି ପରିମାଣ ଏକ ୟୁନିଟ୍ ବୃଦ୍ଧି କଲେ ଓଷ୍ଟଇଓପୋନିଆ ସ୍ଥିତି ଆଶଙ୍କା ୩୦ ପ୍ରତିଶତ ହ୍ରାସ ପାଇବା ସହ ଓଷ୍ଟିଓପୋରୋସିସ୍ ଆଶଙ୍କା ୩୯ ପ୍ରତିଶତ ହ୍ରାସ ପାଇଥାଏ । ଆଉ ପୁରୁଷମାନଙ୍କ କ୍ଷେତ୍ରରେ ଓଷ୍ଟିଓପୋରୋସିସ୍ ଆଶଙ୍କା ୫୨ ପ୍ରତିଶତ ହ୍ରାସ ପାଇଥାଏ ।



## ଧ୍ୟାନ ଦ୍ୱାରା ସୁଖର... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସେମିତି ଏହି ଆତ୍ମା ପୁରୁଣା ଶରୀରକୁ ତ୍ୟାଗ କରି ଦୁସରା ନୂତନ ଶରୀରକୁ ପ୍ରାପ୍ତ କରିଥାଏ । ଆତ୍ମାରେ ପରମାତ୍ମଜ୍ଞାନ ପ୍ରକଟ ହେବା କ୍ଷଣି ସାଧକ ସଂସାରର କୌଣସି ବସ୍ତୁ, ବ୍ୟକ୍ତି ପ୍ରତି କୌଣସି ଆସକ୍ତି ରଖି ନ ଥାଏ ।

ସେ କାମନା ରହିତ ହୋଇ କର୍ମ କରିଥାଏ । ସେ କର୍ତ୍ତାପଣର ଭାବନାରୁ ସର୍ବଥା ମୁକ୍ତ ହୋଇ କର୍ମ କରିଥାଏ । ସେ ନିଜକୁ ଅକର୍ତ୍ତା ଓ ଭଗବାନଙ୍କୁ ହିଁ କର୍ତ୍ତା ମାନି କର୍ମ କରିଥାଏ । ସେ ନିଜକୁ ଭଗବାନଙ୍କ ହାତର ଏକ କାଠକଣ୍ଢେଇ ମାତ୍ର ମାନିଥାଏ ଏବଂ ତାଙ୍କର ଇସାରାରେ ନାଚିଥାଏ, ଗାଇଥାଏ, ଶୋଇଥାଏ, ଜାଗିଥାଏ ଏବଂ ବହୁବିଧ କର୍ତ୍ତବ୍ୟ କର୍ମ କରିଥାଏ ।

ସେ ମାନ-ଅପମାନ, ସୁଖ-ଦୁଃଖ, ହର୍ଷ-ବିଷାଦ ଆଦି ସବୁଥିରେ ସମାନ ବୁଦ୍ଧିଯୁକ୍ତ ହୋଇ ନିଜର କର୍ତ୍ତବ୍ୟ କର୍ମ କରିଥାଏ, ନିଷ୍କାମ କର୍ମ କରିଥାଏ । ସେ ଯାହା କିଛି ବି କରିଥାଏ ବା କରୁଥାଏ, ତାହା ଭଗବାନଙ୍କର ହିଁ କରୁଛି, ଭଗବାନଙ୍କ ପାଇଁ ହିଁ କରୁଛି ବୋଲି ଅନୁଭବ କରିଥାଏ । ସେ ପୁଣ୍ୟ ଓ ପାପ, ଦୁଇଟିକୁ ତ୍ୟାଗ କରି ତାହାର ଊର୍ଦ୍ଧ୍ୱକୁ ଚାଲିଯାଏ ।

ସେ ସୁଖ-ଦୁଃଖ ଉଭୟର ଊର୍ଦ୍ଧ୍ୱକୁ ଚାଲିଯାଏ । ସେ ସମ୍ପୂର୍ଣ୍ଣ ରୂପେ କାମନାଗୁଡ଼ିକୁ ତ୍ୟାଗ କରି ମମତା ରହିତ, ଅହଂକାର ରହିତ ଓ ସ୍ପୃହା ରହିତ ହୋଇ ବିଚରଣ କରିଥାଏ ଏବଂ ପ୍ରତ୍ୟେକ କ୍ଷଣ ସେ ପରମ ସୁଖ, ବ୍ରହ୍ମସୁଖ, ପରମ ଶାନ୍ତିରେ ବଞ୍ଚିଥାଏ । ଗୀତା ଅନୁସାର ଏହି ସ୍ଥିତି ବାସ୍ତବରେ ଆତ୍ମବୋଧ, ଆତ୍ମଜ୍ଞାନ ଓ ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଥିବା ସାଧକର ସ୍ଥିତି ଅଟେ । ଏହି ସ୍ଥିତି ସ୍ଥିତପ୍ରଜ୍ଞ ହେବାର ସ୍ଥିତି ଅଟେ ।

ବ୍ରହ୍ମଙ୍କୁ ପ୍ରାପ୍ତ ହୋଇ ସେହି ସାଧକ, ସେହି ଯୋଗୀ କେବେ ମୋହିତ ହୋଇ ନଥାଏ, କେବେ କୌଣସି ବସ୍ତୁ, ବ୍ୟକ୍ତି ପ୍ରତି ଆସକ୍ତ ହୋଇ ନଥାଏ, କେବେ ଅଶୁଭ, ମନ୍ଦ ଅଥବା ପାପ କର୍ମଗୁଡ଼ିକରେ ଲିପ୍ତ ହୋଇ ନଥାଏ । ସେ ସଂସାରରେ ରହି ମଧ୍ୟ ସଂସାର ପ୍ରତି ନିର୍ଲିପ୍ତ ରହିଥାଏ, ଯେମିତି ଜଳରେ ରହିଥିଲେ ମଧ୍ୟ କମଳ ଜଳ ଠାରୁ ନିର୍ଲିପ୍ତ ରହିଥାଏ । ସେ ସର୍ବଦା ନିଜ ଆତ୍ମାରେ ବ୍ରହ୍ମଙ୍କର ଧ୍ୟାନ କରିଥାଏ, ବ୍ରହ୍ମଙ୍କୁ ଅନୁଭବ କରିଥାଏ, ବ୍ରାହ୍ମୀ ସ୍ଥିତିରେ ସ୍ଥିତ ହୋଇଥାଏ ଏବଂ ବ୍ରହ୍ମାନନ୍ଦକୁ ପ୍ରାପ୍ତ ହୋଇଥାଏ ।

## ସ୍ୱର୍ବେଦ

**ନିଃଅକ୍ଷର ଅସ୍ୱମ୍ ହେଁ, କହ ଅରୁ ଅକହ ସ ପାର ।**
**ଅନୁଭଓ୍ୱ ମେଁ ଅନୁଭଓ୍ୱ ମିଲେ, ସୋ ଜୀଓ୍ୱନ ସୁଖ ସାର ।।୦୯।।**

ଭାଷ୍ୟ - ନିଃଅକ୍ଷର ସାରଶବ୍ଦ ସ୍ୱୟଂ ଅଟନ୍ତି, ଯିଏ ସମସ୍ତ ଜଗତର ଆଧାର କ୍ଷର ଅକ୍ଷରର ଊର୍ଦ୍ଧ୍ୱରେ । ସେ ଆତ୍ମା ସାକ୍ଷାତକାର ପରେ ଆତ୍ମା ଦ୍ୱାରା ପ୍ରତ୍ୟକ୍ଷ ପ୍ରାପ୍ତ ହୋଇଥାନ୍ତି, ଯିଏ ଜୀବନର ସମସ୍ତ ସୁଖର ମୂଳ ଅଟନ୍ତି ।

**ପକ୍ଷ ମାସ ସମ୍ବତ୍ସରା, ସାଥ ମୀଲି ଜହଁ ଜାୟ ।**
**ରତୁ ଭାଗ ରତୁ ସଙ୍ଗ ମେଁ, ସବ ଅସ୍ୱମ୍ ସମାୟ ।।୧୦।।**

ଭାଷ୍ୟ - ପକ୍ଷ, ମାସ ଆଉ ସମ୍ବତ୍ସର ସହିତ ମିଳିତ ହୋଇ ଯେଉଁଠାକୁ ଯିବାକୁ ଚାହୁଁଛନ୍ତି ଏବଂ ଋତୁ ଆଉ ତାହାର ଭାଗ ଯେଉଁଠାକୁ ଯିବାକୁ ଚାହୁଁଛନ୍ତି, ସେହି ପଦାର୍ଥ ସ୍ୱୟଂ ଅଟନ୍ତି । ଏ ସମସ୍ତେ ସେହି ସ୍ୱୟଂରେ ପ୍ରବେଶ କରିବା ନିମନ୍ତେ ଅର୍ଥାତ୍ ତାଙ୍କର ପ୍ରାପ୍ତି ନିମନ୍ତେ ଚାଲି ଯାଉଛନ୍ତି ।

**ସବ ଆଶ୍ରୟ ଅସ୍ୱମ୍ ହେଁ, ଗତି ଅଧାର ଅସ୍ୱମ୍ ।**
**ନିଃଅକ୍ଷର ନିଜତତ୍ତ୍ୱ ହେଁ, ଜଗଦାତ୍ରର ରହ ଅମ୍ ।।୧୧।।**

ଅଭିଲାଷା ଅସ୍ୱମ୍ କୀ, ପହୁଁନ କୀ ଗତି ଆୟ ।




**ଦାନ ରାତ ଏକ ସମ ଚଲେଁ, ଅନ୍ତ ସମୟ ମିଲ ଆୟ ।।୧୨।।**

ଭାଷ୍ୟ - ସ୍ୱୟଂଙ୍କ ନିକଟତର ହେବାର ପ୍ରବଳ ଇଚ୍ଛାରେ ରାତି ଦିନି ଏକ ସମାନ ପ୍ରବହମାନ ଧାରାରେ ଅନବରତ ଚାଲିଛନ୍ତି ଏବଂ ପରିଶେଷରେ ସମସ୍ତେ ସେହି ସ୍ୱୟଂରେ ଆସି ମିଶି ଯାଆନ୍ତି ।

**ଜହଁ ପହୁଁଚନ କୀ ଚାହ ମେଁ ନଦିୟେଁ କର ପରଓ୍ୱାହ ।**
**ଏକ ଦୁସର ତୀସର ମିଲେଁ, ପହୁଁଚତ ସିନ୍ଧୁ ଅଥାହ ।।୧୩।।**

ଭାଷ୍ୟ - ନଦୀମାନଙ୍କର ପ୍ରବାହ ଗୋଟିଏ ଅନ୍ୟଟି ସହ, ଅନ୍ୟଟି ଆଉ ଗୋଟିଏ ସହିତ ଏପରି ମିଳିତ ହୋଇ ଅତଳ ସମୁଦ୍ରରେ ପହଞ୍ଚିବାର ପ୍ରବଳ ଇଚ୍ଛାରେ ପ୍ରବାହିତ ହେଉଛନ୍ତି ।

**ସବ ପର ସର୍ଓ୍ୱ ମହାନ ହେଁ, ସର୍ଓ୍ୱ କଲା ସବ ଦୂର ।**
**ଶବ୍ଦ ରୂପ ଅସ୍ୱମ୍ ହେଁ, ବାହର ଭୀତର ପୁର ।।୧୪।।**

ଭାଷ୍ୟ - ସ୍ୱୟଂ ସର୍ବୋତ୍କୃଷ୍ଟ ଏବଂ ମହାନ ଅଟନ୍ତି । ସେ ସମସ୍ତ କଳାରେ ଯୁକ୍ତ, ବାହାର ଭିତର ଓ ଦୂର ପର୍ଯ୍ୟନ୍ତ ପରିପୂର୍ଣ୍ଣ ଅଟନ୍ତି । ସେହି ଶବ୍ଦସ୍ୱରୂପ ସ୍ୱୟଂ ପରଂବ୍ରହ୍ମ ଅଟନ୍ତି ।

**ଜେହି ଆଶ୍ରୟ ସବ ଲୋକ କୋ, ଥାମ ପ୍ରଜାପତି ଧାର ।**
**ରଚନା ଓ୍ୱିଧି ପ୍ରକାର କେ, ମହିମା ଅପରମ୍ ପାର ।।୧୫।।**

ଭାଷ୍ୟ - ଯାହାର ଆଧାରରେ ସମସ୍ତ ଲୋକଙ୍କୁ ପ୍ରଜାପତି ଧାରଣ କରି ଅଥବା ଅବଲମ୍ବନ କରି ନାନା ପ୍ରକାରର ରଚନା କରନ୍ତି, ତାଙ୍କର ମହିମା ଅପାର ଅଟେ ।

**ହିରଣ୍ୟଗର୍ଭ ରଚନା କରେ, ଜେହି ଆଶ୍ରିତ ମମ ଦେଓ୍ୱ ।**
**ଚେତନ ଶବ୍ଦ ସ୍ୱରୂପ ହେଁ, ସବ ଦେଓ୍ୱନ କା ଦେଓ୍ୱ ।।୧୬।।**

ଭାଷ୍ୟ - ଯାହାର ଆଶ୍ରିତ ହୋଇ ହିରଣ୍ୟଗର୍ଭ ସମସ୍ତ ସୃଷ୍ଟିର ରଚନା କରିଥାନ୍ତି, ସେ ମୋର ଚେତନ ଦେବ ଶବ୍ଦସ୍ୱରୂପ ଅଟନ୍ତି ଓ ସମସ୍ତ ଦେବଙ୍କର ଦେବ ଅଟନ୍ତି ।

**କନିଷ୍ଠ ଓ୍ୱ ମଧ୍ୟମ ପରମ ଜୋ, ଓ୍ୱିଶ୍ୱ ରୂପ ବ୍ରହ୍ମାଣ୍ଡ ।**
**ରଚେ ପ୍ରଜାପତି ଜାହି ବଲ, ଚେତନ ରୂପ ହେମାଣ୍ଡ ।।୧୭।।**

ଭାଷ୍ୟ - ଉତ୍ତମ, ମଧ୍ୟମ ଏବଂ କନିଷ୍ଠ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ଚେତନ ରୂପ ତେଜୋମୟ ଅଣ୍ଡକୁ ପ୍ରଜାପତି ଯାହାର ଆଧାରରେ ରଚନା କରନ୍ତି ।

**ଏକ ଭାଗ ପରଓ୍ୱିଷ୍ଟ ହେଁ, ଧାରକ ହେଁ ଅସ୍ୱମ୍ ।**
**ତୀନ ଭାଗ ସୋ ଅଲଗ ହେଁ, ଶୁଦ୍ଧ ନ ଧାର ଅରମ୍ ।।୧୮।।**

ଭାଷ୍ୟ - ଉକ୍ତ ଦୋହାର ଭାବ ଏହି ଦୋହାରେ ସ୍ପଷ୍ଟ ହୋଇଯାଇଛି । ସେହି ଧାରକ ସ୍ୱୟଂର ଏକ ଭାଗ ସୃଷ୍ଟିରେ ପ୍ରବିଷ୍ଟ ହୋଇଛି ଏବଂ ତିନି ଭାଗ ଶୁଦ୍ଧ ଅଟେ, ଯାହାର ପ୍ରକୃତି-ଆରମ୍ଭ ସହିତ କୌଣସି ସମ୍ବନ୍ଧ ନାହିଁ ।

**ଏକ ଭାଗ ମେଁ ସୃଷ୍ଟି ହେଁ, ତୀନ ସଚ୍ଚିଦାନନ୍ଦ ।**
**ଲୀଲା ଓ୍ୱର ଅସ୍ୱମ୍ ହେଁ, ଶୁଦ୍ଧ ସୁଧା ସୁଖ କନ୍ଦ ।।୧୯।।**

ଭାଷ୍ୟ - ସ୍ୱୟଂର ଏକ ଭାଗରେ ସୃଷ୍ଟି ବିଦ୍ୟମାନ ଏବଂ ତିନ ଭାଗ ଶୁଦ୍ଧ ଅମୃତ ଚେତନ ଆନନ୍ଦସ୍ୱରୂପ ରହିଛି । ସେହି ମହାନ ସ୍ୱୟଂଙ୍କର ଲୀଳା ଅଦ୍ଭୁତ । ଏହି ଦୋହାମାନଙ୍କରେ ପ୍ରଶ୍ନଗୁଡ଼ିକର ଉତ୍ତର ରହିଛି ଓ କେଉଁଠି କେଉଁଠି ପ୍ରଶ୍ନଗୁଡ଼ିକର ସଂକେତ ମଧ୍ୟ ଦୋହାରେ ପ୍ରଦାନ କରାଯାଇ ସେଗୁଡ଼ିକର ଉତ୍ତର ପ୍ରଦାନ କରାଯାଇଛି । ସ୍ୱୟଂ, ସ୍ୱୟଂତଥା ଖସ୍ୱମ୍‌କୁ କୁହାଯାଏ ।

## ସବୁ ରୋଗ ଦୂରକାରୀ ବେଲ



ସବୁ ପ୍ରକାର ରୋଗ ଦୂର କରିବା ପାଇଁ ବେଲର ଏକ ଚମତ୍କାର ଗୁଣ ରହିଛି । ସେଥିପାଇଁ ବେଲକୁ ଶ୍ରୀଫଳ ବୋଲି କୁହାଯାଏ । ପେଟ ରୋଗ ପାଇଁ ଏହା ଅବ୍ୟର୍ଥ ଔଷଧ । ନାଳଝାଡ଼ା ବହୁଦିନ ଧରି ହେଉଥିଲେ କଞ୍ଚା ବେଲକୁ କୋରି ଖରାରେ ଶୁଖାଇ ଦିଅନ୍ତୁ । ପ୍ରାୟ ୮/୧୦ ଦିନ ଭଲଭାବେ ଶୁଖିଗଲେ ତା'ର ପାଉଡ଼ର ବନାଇ ଖାଦ୍ୟ ଗ୍ରହଣର ୧୦/୧୫ ମିନିଟ୍ ପରେ ଅଧା ଚାମଚ ଖାଆନ୍ତୁ । ଏହିପରି ୧୦/୧୫ ଦିନ ସେବନ କଲେ ପେଟ ଗୋଳମାଳ ଭଲ ହୋଇଯାଇଥାଏ । ନାଳରକ୍ତ ଝାଡ଼ା, କୋଷ୍ଠକାଠିନ୍ୟ, ପେଟଫମ୍ପା, ଭୋକ ନହେବା, କୃମିହେବା ଇତ୍ୟାଦି ପାଇଁ କଞ୍ଚା ବେଲକୁ ଫଟାଇ ପୋଡି କିମ୍ବା ସିଝାଇ ଦିଅନ୍ତୁ । ସକାଳେ ମଳତ୍ୟାଗ ପରେ ଏହାକୁ ସର୍ବତ ନଚେତ୍ ଆଙ୍ଗୁଠି ସାହାଯ୍ୟରେ ଚାଟିକରି ଖାଇଲେ, ପେଟର କୃମିଦୋଷ ସହ ସବୁ ପ୍ରକାର ରୋଗ ଭଲ ହୋଇଥାଏ । ବେଲ ପତ୍ରକୁ ପ୍ରତ୍ୟେକ ଦିନ ୫ ଟି ଲେଖାଏଁ ବାଟି କିମ୍ବା ଚୋବାଇ ସେବନ କଲେ ସୁନ୍ଦର ସ୍ୱାସ୍ଥ୍ୟ ହୁଏ ।

## ଟିକିଏ ହସନ୍ତୁ

ମାଲିକ ରୋଷେଇଆକୁ : ଆଜି ତୁ ଟିକେ ଅଧିକ ବଟର୍ ଲଗେଇକି ପରଟା କରିଛୁ ।
ରୋଷେଇଆ: ଓଃ ଭୁଲ୍ ହେଇଗଲା । ଲାଗୁଛି ମୁଁ ମୋ ପରଟାଟା ଆପଣଙ୍କୁ ଦେଇ ଦେଇଛି ।

× × × ×

କାଲି ରାତିରେ ଚୋର ଆସି ମୋହନ ବାବୁଙ୍କ ମୁଣ୍ଡରେ ଗନ୍ ଦେଖାଇ ପଚାରିଲେ: କହ ମାଲ୍, କୋଉଠି ଅଛି ?
ମୋହନ ବାବୁ: ଏଠି ନାହିଁ ପଡିଶା ଘରେ ଅଛି ।
ମୋ ଘରେ ଥିଲେ ମୁଁ କ'ଣ ଏମିତି ନିରସ ଜୀବନ ଜିଉଥାନ୍ତି ?



× × × ×

ରାତିରେ ଲେଟ୍ ଫେରିଥିବା ପୁଅର ଜ୍ୟାକେଟ୍‌କୁ ବାପା ଭଲଭାବେ ଖୋଜିବାରୁ ସେଥିରୁ ସିଗାରେଟ୍ ଓ ଝିଅମାନଙ୍କ ନମ୍ବର ମିଳିଲା ।
ଏହା ଦେଖି ବାପା ପୁଅକୁ ମାଡ଼ମାରି: କହ ସିଗାରେଟ୍ କେବେଠୁ ଟାଣୁଛୁ ଓ ଆଉ ଏତେ ଝିଅଙ୍କ ନମ୍ବର କାହିଁକି ରଖିଛୁ ?
ପୁଅ: ମୁଁ କିଛି ଜାଣିନି ?
ବାପା: କ'ଣ ! ଜାଣିନୁ ? କହ ଏସବୁ କେବେଠୁ ଚାଲିଛି ?
ପୁଅ: ବାପା ମୁଁ ସତ କହୁଛି ଏସବୁ ବିଷୟରେ ଜାଣିନି । କାହିଁକି ନା ଏ ଜ୍ୟାକେଟ୍ ମୋର ନୁହେଁ । ଏଇଟା ତ ତମର ।

× × × ×

ପପୁ ମୁନାକୁ ଜାଣିଚୁ ଥରେ ମୁଁ ସ୍କୁଲ ପିକ୍‌ନିକ୍ ଯାଇଥିଲି । ସେଠି ଗୋଟେ ଉଚ୍ଚା ପଥରକୁ ଚଢ଼ିଥିଲି ।
ଦୁର୍ଭାଗ୍ୟକୁ ମୋ ଗୋଡ ଖସିଗଲା । ଆଉ ମୁଁ ଖୁବ୍ ଜୋରରେ ତଳେ ପଡିଗଲି ।
ମୁନା: ହେ ଭଗବାନ ! ତା'ପରେ କ'ଣ ହେଲା ? ତୁ ମରିଲୁ ନା ବଞ୍ଚିଲୁ ?
ପପୁ: ସେତେବେଳେ ମୁଁ ବହୁତ ଛୋଟ ଥିଲି । ମୋର ଆଉ କ'ଣ ସେକଥା ମନେ ଅଛି ?

× × × ×

ପପୁ ରୁଟିରୁ ଖଣ୍ଡେ ଛିଣ୍ଡାଇ ନିଜେ ଖାଉବାବେଳେ ଆଉ ଖଣ୍ଡେ ଛିଣ୍ଡାଇ ପାଖରେ ଥିବା କୁକୁଡ଼ାକୁ ଦେଉଥିଲା ।
ଏହା ଦେଖି ମଣ୍ଟୁ ଭଏ କ'ଣ କରୁଛୁ ?
ପପୁ: ଦେଖାଯାଉନି ମୁଁ ଚିକେନ୍ ସହ ରୁଟି ଖାଉଛି ।

× × × ×

ସ୍ତ୍ରୀ ୨୦-୨୫ଟି ଗୁପ୍ ଚୁପ୍ ଖାଇବା ପରେ ସ୍ୱାମୀଙ୍କୁ ଶୁଣନା, ଆଉ କେତେଟା ଖାଇବାକୁ ଇଚ୍ଛା ହେଉଛି ।
ସ୍ୱାମୀ: ନାଗିନ୍, ଖାଇନେ ।
ସ୍ତ୍ରୀ ରାଗିକି : କ'ଣ ତମେ ମତେ ନାଗିନ୍ କହିଲ ?
ସ୍ୱାମୀ: ତମେ ତ ଖାଲି ମତେ ଭୁଲ୍ ବୁଝୁଛ । ମୁଁ କହିଲି ନା... ଗିନ୍... । ମାନେ ଗଣିନି, ଖାଇଦିଅ... ।

× × × ×

ମୁନା ରାଜେଶକୁ : ଜାଣିଛୁ ଆଜି ମୋ କୁକୁର ଅଣ୍ଡା ଦେଇଛି ।
ରାଜେଶ: କ'ଣ ! କୁକୁର ଅଣ୍ଡା ଦେଇଛି ?
ମୁନା: ହଁ ।
ରାଜେଶ: ଏମିତି କେମିତି ସମ୍ଭବ ହେଲା ?
ମୁନା: ମୁଁ ମୋ କୁକୁଡ଼ା ନାଁ କୁକୁର ଦେଇଛି ।

## ବନ୍ଧନରେ ନୁହେଁ, ଏକାନ୍ତରେ ଶକ୍ତି ନିହିତ

ଯାହାକୁ ଆମେ ନିଃସଙ୍ଗତା କହୁ, ତାହା ଏହି ସଂସାରର ସବୁଠାରୁ ଅଭିନ୍ନ ତତ୍ତ୍ୱ । ଯେକୌଣସି ବ୍ୟକ୍ତିକୁ ଦେଖନ୍ତୁ, ସେ ସ୍ୱୟଂ ନିଜେ ଏକଲା ହିଁ ହୋଇଥାଏ । ଏକଲା ରହିବାର କାରଣ ହେଲା ଯିଏ ତାକୁ ସୃଷ୍ଟି କରିଛନ୍ତି, ସେ ତା' ଭିତରେ ଏପରି ଏକ ତତ୍ତ୍ୱ ସମାହିତ କରି ଦେଇଛନ୍ତି, ଯାହା ତାକୁ ସର୍ବଦା ଏକାକୀ ଲକ୍ଷ୍ୟ ଦିଗରେ ସମର୍ପିତ ରଖେ ।

ଆମେ ଏଥିପାଇଁ ଏକଲା ନୋହୁଁ ଯେ ଆମକୁ ଯାହା ଦରକାର, ସଂସାରରୁ ତାହା ଆମକୁ ମିଳୁ ନାହିଁ ବା ଆମ ଭିତରର ଅଭାବ ପୂରଣ ହେଉ ନାହିଁ ଅଥବା କାହା ସହିତ ଆମର ଦ୍ୱେଷ ଅଛି ବା ପ୍ରକୃତରେ ନିଜ ହୃଦୟର କଥା ଖୋଲି କହି ପାରିବା ଭଳି ଆମକୁ କେହି ମିଳିଲେ ନାହିଁ, ବରଂ ଏଥିପାଇଁ ଆମେ ଏକଲା ଯେ ଆମର ଅନ୍ତରାତ୍ମା ମହାନ୍ ହେବା ପାଇଁ ବ୍ୟାକୁଳ ହେଉଛି ।

ଆମ ସମସ୍ତଙ୍କ ଭିତରେ ଏକ ଦୈବୀ ପ୍ରକାଶ, ଏକ ଅଦ୍ଭୁତ ବିଲକ୍ଷଣ ପ୍ରତିଭା ଏବଂ ଏକ ସର୍ବସମର୍ଥ ସତ୍ତା ନିବାସ କରେ । ତାକୁ ହିଁ ଈଶ୍ୱର କହନ୍ତି । ଈଶ୍ୱର ଅନ୍ୟ କିଛି ନୁହେଁ, ବାସ୍ ଆମର ଅପୂର୍ବ ସମ୍ଭାବନାର ନାମ ହିଁ ଈଶ୍ୱର । ଏସବୁର ସୂଚକ ହୋଇଥାଏ ନିଃସଙ୍ଗତା ।

ଈଶ୍ୱର ସେହି ଅନାଦି-ଅନନ୍ତ ତତ୍ତ୍ୱ, ଯାହା ଦ୍ୱାରା ଏହି ସଂପୂର୍ଣ୍ଣ ଜଗତ୍ ଆଚ୍ଛାଦିତ, ଈଶ୍ୱର ହିଁ ଏହାର ନିୟନ୍ତା ଓ ସର୍ବପୋଷକ । ସେହି ଈଶ୍ୱରଙ୍କ ପରିକଳ୍ପନାକୁ ଯଦି ଯଥାର୍ଥ ରୂପ ଦେବାର ଅଛି, ତାହାହେଲେ ଏତିକି ବୁଝିବା ଉଚିତ ଯେ ଈଶ୍ୱର ଆମ ଦ୍ୱାରା କ'ଣ କରାଇବାକୁ ଚାହାନ୍ତି । ଈଶ୍ୱର ଆମ ଭିତରେ ଦୈବୀ ପ୍ରେରଣାର ନାମ । ଈଶ୍ୱର ସର୍ବସଂଯୁକ୍ତ, ମହାନ୍ ଏବଂ ଏହି ଜଗତ୍‌ର କାର୍ଯ୍ୟ-ବ୍ୟାପାରରେ ଅଦ୍ୱିତୀୟ ରହୁଥିବା ଚେତନାର ନାମ ଅଟେ । ଆମେ ସେହି ଈଶ୍ୱରଙ୍କୁ ଚିହ୍ନିବା ଏବଂ ତାଙ୍କ ଦ୍ୱାରା ନିଜର ଜୀବନକୁ ଲାଭାନ୍ୱିତ କରିବା । ଏହା ହିଁ ବାସ୍ତବରେ ଈଶ୍ୱରଙ୍କ ସେବା । ସେହି ଈଶ୍ୱରଙ୍କୁ ଯିଏ ବି ଦେଖିଛି, ଈଶ୍ୱର ଅନେକତାରେ ଏକତାର ନାମ ବୋଲି ସିଏ ବୁଝି ପାରିଛି ।

ଈଶ୍ୱର ସେହି ସର୍ବବ୍ୟାପୀ ତତ୍ତ୍ୱ, ଯାହା ଜଗତକୁ ଆଚ୍ଛାଦିତ କରି ରଖିଛି ଏବଂ ଯାହା ଏହି ବିଶ୍ୱ ବସୁଧାରେ ପ୍ରତ୍ୟେକ ପ୍ରାଣୀର ସୁବିଧା ପ୍ରତି ବରାବର ଧ୍ୟାନ ରଖୁଥାଏ । ସେହି ଈଶ୍ୱରଙ୍କୁ ଯିଏ ପ୍ରାପ୍ତ କରିନେଲା, ତା' ପାଇଁ ନିଃସଙ୍ଗତା ରହି ପାରିବ କେଉଁଠି । ଯେଉଁ ବ୍ୟକ୍ତି ନିଜକୁ ଏକାକୀ ମାନୁଛି, ସେ ପ୍ରଥମେ ଏହା ବୁଝିବା ଦରକାର ଯେ ଈଶ୍ୱର ତାକୁ ଏପରି ଗଢ଼ିଛନ୍ତି, ଯଦ୍ୱାରା ସେ ଜୀବନର ଯାବତୀୟ ଘଟନାକ୍ରମ ମଧ୍ୟରେ ସେହି ଉତ୍କୃଷ୍ଟ ତତ୍ତ୍ୱକୁ ସ୍ମରଣ ରଖିଛି, ଯାହା ସାରା ସଂସାରକୁ ଆଚ୍ଛାଦିତ କରି ରଖିଛି ।

ନିଃସଙ୍ଗତା ଆମର ଆନ୍ତରିକ ଦୁର୍ବଳତା ନ ହେଉ ଏବଂ କେଉଁ ମହାନ୍ ଉଦ୍ଦେଶ୍ୟ ପାଇଁ ଆମକୁ ଏହି ଜୀବନ ମିଳିଛି ତଥା ଏହାର ସଦୁପଯୋଗ କେଉଁ ରୀତିରେ କରାଯିବ, ଏହାର ବୋଧ ହେଉ । ଏହା ସୁନିଶ୍ଚିତ ପ୍ରଗତିର ମାର୍ଗ ଏବଂ ଏହା ଉପରେ ଚାଲି ମନୁଷ୍ୟର ଜୀବନ ଧନ୍ୟ ହୋଇଯାଏ ତଥା ସେ ନିଜ ଆତ୍ମା ଦ୍ୱାରା ପ୍ରକାଶବାନ୍ ହୋଇଥାଏ ।

ଏକଲାପଣ ହେଉଛି ଡର ଓ ଆସକ୍ତିର ଉପଚାର, କେହି ଏଥିପାଇଁ ଏକଲା ନୁହନ୍ତି ଯେ ତା'ର କେହି ବନ୍ଧୁବାନ୍ଧବ ନାହାନ୍ତି ଅଥବା ସେ ଅନ୍ୟ କୌଣସି କଥା ପାଇଁ ବ୍ୟାକୁଳ ହେଉଛି । ନିଜ ଭିତରର ଶାନ୍ତି, ମୁକ୍ତି ଓ ବର୍ଚ୍ଚସ୍ୱର ନାମ ହିଁ ନିଃସଙ୍ଗତା, ଭିତରର ସଂଗ୍ରାମରେ ଯିଏ ବିଜୟୀ ହୋଇଯାଏ, ସେ ବାସ୍ତବରେ ଏକାକୀ ଚାଲିପାରେ, ଏକଲାପଣ ନିଜ ଅନ୍ତରାତ୍ମାର ସ୍ୱୀକୃତି ଅଟେ ।

ଏହି ନିଃସଙ୍ଗତାକୁ ଯିଏ ଚିହ୍ନି ପାରିଲା, ଯିଏ ଏହାର ମହତ୍ତ୍ୱ ସହିତ ପରିଚିତ ହୋଇ ପାରିଲା, ଏହାଠାରୁ ବଡ଼ ଶକ୍ତି ଏ ସଂସାରରେ ଅନ୍ୟ କିଛି ନାହିଁ ବୋଲି ଯିଏ ବୁଝି ପାରିଲା- ସିଏ ଏହାର ଅଦ୍ଭୁତ ପରିଣାମ ଦ୍ୱାରା ଲାଭାନ୍ୱିତ ହୋଇ ପାରିବ, ତାକୁ ହିଁ ଚରିତ୍ରର ମହାନତା ଏବଂ ବାହ୍ୟ ଜୀବନରେ ପ୍ରତ୍ୟେକ ପ୍ରକାରର ସିଦ୍ଧି- ସଫଳତା ମିଳି ପାରିବ । ଏକଲାପଣ ହିଁ ମନୁଷ୍ୟର ବାସ୍ତବିକ ଅଳଙ୍କରଣ ।

ଆମେ ଏହି ଏକଲାପଣକୁ ଚିହ୍ନିବା ଏବଂ ଏହାର ସତ୍ପରିଣାମ ଦ୍ୱାରା ଲାଭାନ୍ୱିତ ହେବା, ଯେତେବେଳେ ଏହା ଜୀବନ୍ତ ଓ ଜାଗ୍ରତ ହୋଇଯାଏ ତ ଅସଂଖ୍ୟ ମନୁଷ୍ୟଙ୍କ ଜୀବନ ପ୍ରକାଶରେ ଓତପ୍ରୋତ ଏବଂ ପ୍ରଚଣ୍ଡ ସାହସରେ ପରିପୂର୍ଣ୍ଣ ହୋଇଯାଏ ।

ଏକଲାପଣ ହିଁ ସୃଷ୍ଟି-ସାମ୍ରାଜ୍ୟରେ ଏକମାତ୍ର ସେହି ବିଚାର ବିନ୍ଦୁ, ଯାହା ଦ୍ୱାରା ଅନେକ ରହସ୍ୟକୁ ଖୋଲା ଯାଇପାରେ । ନିଜ ଭିତରର ଦିବ୍ୟ ତତ୍ତ୍ୱଗୁଡ଼ିକୁ ଜାଗ୍ରତ କରି ଏକ ଆଦର୍ଶ ଓ ମହାନ୍ ଜୀବନ ଯାପନ କରାଯାଇପାରେ । ଯିଏ ନିଜର ଏକଲାପଣକୁ ଚିହ୍ନି ପାରିଛି, ସେ ଯେ କୌଣସି ପରିବେଶ ଓ ପରିସ୍ଥିତିରେ ରହିଲେ ମଧ୍ୟ, ତା'ର ଆତ୍ମା କେବେହେଲେ ସୁପ୍ତ ହୋଇ ପାରିବ ନାହିଁ । ଚିତ୍ତର ଦିବ୍ୟ ସଂସ୍କାର ନିରନ୍ତର ତା' ଦ୍ୱାରା ଏପରି କିଛି କରାଇବ ଯାହା ଫଳରେ ଜୀବନକୁ ଧନ୍ୟ କରାଇବାର ପ୍ରକଳ୍ପ ପୂର୍ଣ୍ଣ ହୋଇ ପାରିବ । ଆମର ଆତ୍ମସଂପଦ ଅତ୍ୟନ୍ତ ମହାନ୍, ତାକୁ ଯିଏ ସ୍ୱୀକାର କରିନିଏ, ତା' ପାଇଁ ଏକଲାପଣ ବାଧକ ନ ହୋଇ ପରିପୂର୍ଣ୍ଣ ବିକାଶର ଅବସର ହୋଇଯାଏ ।

ଯଦି ଆମେ ପ୍ରକୃତରେ ଆତ୍ମାର ଶୁଭଚିନ୍ତକ, ତାହାହେଲେ ଆମେ ବୁଝିନେବା ଉଚିତ ଯେ ମନୁଷ୍ୟ ଅପୂର୍ଣ୍ଣ ନୁହେଁ, ବରଂ ଅନ୍ୟମାନଙ୍କ ଠାରୁ କିଛି ବିଶିଷ୍ଟ ହୋଇଥାଏ । ଏକାନ୍ତରେ ରହି ଅର୍ଜନ କରାଯାଇଥିବା ତପଃ ଊର୍ଦ୍ଧ୍ୱକୁ ଅନେକ ସୃଜନାତ୍ମକ କାର୍ଯ୍ୟରେ ଲଗାଯାଇପାରେ । ଚିତ୍ତର ଏକଲାପଣ ଏକ ବେମାରି ନୁହେଁ, ବରଂ ଏକ ଔଷଧ, ଯାହା ଆମକୁ ଏହି ସଂସାରରୁ ସଦାସର୍ବଦା ପାଇଁ ମୁକ୍ତ କରିଦିଏ, ନିଜ ଆତ୍ମାରେ ପ୍ରତିଷ୍ଠିତ କରାଇ ଆତ୍ମକଲ୍ୟାଣ ଦ୍ୱାରା ବିଶ୍ୱମଙ୍ଗଳର ଯାତ୍ରାରେ ଆଗକୁ ନେଇଚାଲେ ।

# ଅରଖର ଉପକାରିତା

ଅରଖ ଏକ ଗୁଳ୍ମଜାତୀୟ ଔଷଧୀୟ ଉଦ୍ଭିଦ । ତେବେ ଦେବପୂଜା ବିଶେଷକରି ଶିବଙ୍କର ପୂଜା ପାଇଁ ଏହି ଫୁଲର ଆବଶ୍ୟକତା ମଧ୍ୟ ପଡିଥାଏ । ଏହା ଏକ ଔଷଧୀୟ ବୃକ୍ଷ ହେଲେ ବି ଏହାର କ୍ଷୀର ବିଷାକ୍ତ ହୋଇଥିବାରୁ ଏହାର ପ୍ରୟୋଗ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଜରୁରୀ । କେତେକ ଚର୍ମରୋଗରେ ପୁଣି ଅଧକପାଳୀ ମୁଣ୍ଡବିନ୍ଧାରେ ଏହାର କ୍ଷୀରକୁ ବ୍ୟବହାର କରାଯାଇଥାଏ । ମାତ୍ର ଏହା ଯେପରି ଆଖିର ସଂସ୍ପର୍ଶରେ ନ ଆସେ । ଏହାର ଫଳରୁ ବାହାରୁଥିବା ତୁଳାରେ ତକିଆ ତିଆରି କରି ଶୋଇଲେ ଅଣ୍ଡାରୋଗ ଦୂର ହୋଇଥାଏ । ବଧିରପଣକୁ ଦୂର କରେ ।

◻ ନଖରେ ଯଦି କୌଣସି ପ୍ରକାର ସଂକ୍ରମଣ ହୋଇଥାଏ ଏବଂ ନଖ ମରିମରି ଯାଉଥାଏ ତେବେ ଅରଖର ମୂଳକୁ ପାଣିରେ ଭଲ ଭାବେ ବାଟି ତାକୁ ନଖର ଉପରେ ଲଗାନ୍ତୁ ।

◻ କୌଣସି ଦୁର୍ଘଟଣାରେ ପାଦରେ କଣ୍ଟା କିମ୍ବା ଭଙ୍ଗା କାଚ ପଶି ଯାଇଥିଲେ ଅରଖ ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ସେ ସ୍ଥାନରେ ଲଗାଇ ଦିଅନ୍ତୁ, ତାହା ପାଚି ଯାଇ ବାହାରକୁ ବାହାରି ଆସେ ।

◻ ଦେହ କୁଣ୍ଡେଇ ହେଇ ଫଳିଯାଇ ଚିହ୍ନ ରହି ଯାଉଥିଲେ ଅରଖ ଚେରକୁ ନିଆଁରେ ପୋଡି ପାଉଁଶ କରନ୍ତୁ । ଏହି ପାଉଁଶରେ ସୋରିଷ ତେଲ ମିଶାଇ ଦେହରେ ମାଲିସ୍ କରନ୍ତୁ ।

◻ କାଶ ପାଇଁ ମଧ ଅରଖକୁ ବ୍ୟବହାର କରାଯାଇଥାଏ । ଦୀର୍ଘ ଦିନ ଧରି କାଶ ହେଉଥିଲେ ଅରଖର ମୂଳକୁ ଭଲ ଭାବେ ବାଟି ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଛୋଟ ବାଟୁଳାଟିଏ କରି ଦିନକୁ ଦୁଇଥର ସକାଳେ ଏବଂ ସନ୍ଧ୍ୟାରେ ପାଣି ସହିତ ସେବନ କରନ୍ତୁ ।

◻ ଅରଖ ବୃକ୍ଷ ପରିବେଶକୁ ଶୁଦ୍ଧ ରଖିଥାଏ । ବାୟୁରେ ଥିବା ବିଷାକ୍ତ



ଜୀବାଣୁକୁ ଏହା ନଷ୍ଟ କରି ଦେଇଥାଏ ।

◻ ଅରଖର କଅଁଳିଆ ପତ୍ରକୁ ମିଠା ତେଲରେ ଜଳାଇ ଅଣ୍ଡକୋଷ ଫୁଲିଥିବା ସ୍ଥାନରେ ବାନ୍ଧିଲେ ଫୁଲା କମିଥାଏ । ମାତ୍ର ଜଡ଼ା ତେଲରେ ଏହାର ପତ୍ରକୁ ଜଳାଇ ଘାଆରେ ଲଗାଇଲେ ତାହା ଭଲ ହୋଇଯାଏ ।

◻ ଏହାର ପତ୍ରକୁ ଗରମ କରି କ୍ଷତରେ ବାନ୍ଧିବା ଦ୍ୱାରା ତାହା ଖୁବ୍ ଶୀଘ୍ର ଭଲ ହୁଏ । ଅରଖର ଛାଲିକୁ ବାଟି ଘିଅରେ ଗରମ କରି କ୍ଷତ ସ୍ଥାନରେ ଲଗାଇବା ଦ୍ୱାରା ଫୁଲା ଓ ଯନ୍ତ୍ରଣା ହ୍ରାସ ପାଏ ।

◻ ଅରଖର ଚେରକୁ ଛାଇରେ ଶୁଖାଇ ତାକୁ ଗୁଣ୍ଡ କରି ନିଅନ୍ତୁ । ସେଥିରେ ଗୁଡ଼ ମିଶାଇ ଖାଇବା ଦ୍ୱାରା ଶୀତ ଜ୍ୱର ପ୍ରଶମିତ ହୋଇଥାଏ ।

◻ ଆଣ୍ଠୁଗଣ୍ଠି ବାତ ପାଇଁ ଅରଖ ଉପକାରୀ । ଦୁଇ ସେର ଅରଖ ଚେରକୁ ଚାରି ସେର ପାଣି ଦେଇ ସିଝାନ୍ତୁ । ପାଣି ମରି ମରି ଅଧା ହୋଇଗଲେ ସେଥିରେ ଦୁଇ ସେର ଗହମ ପକାଇ ଦିଅନ୍ତୁ । ଅବଶିଷ୍ଟ ପାଣି ସଂପୂର୍ଣ୍ଣ ମରିଗଲେ ସେହି ଗହମରୁ ଅଟା ପ୍ରସ୍ତୁତ କରନ୍ତୁ । ଏହି ଅଟାରୁ ଆଞ୍ଜୁଳାଏ ନେଇ ରୁଟି କରି ଗୁଡ଼ ଏବଂ ଘିଅ ସହ ପ୍ରତିଦିନ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୁଏ । ରୋଗ ଯେତେ ପୁରୁଣା ହେଲେ ବି ତିନି ସପ୍ତାହରେ ଏଥିରୁ ଆରାମ ମିଳିଥାଏ ।

◻ ଅରଖର ଶୁଖିଲା ଡାଳ ଖଣ୍ଡେ ନେଇ ତା'ର ଗୋଟେ ପଟେ ନିଆଁ ଲଗାଇ ଆରପଟେ ତା'ର ଧୂଆଁକୁ ଜୋରରେ ନାକରେ ଶୋଷିବା ଦ୍ୱାରା ଏହା ମୁଣ୍ଡବିନ୍ଧାରୁ ତୁରନ୍ତ ଆରାମ ଦେଇଥାଏ ।

◻ ଅରଖ ମୂଳର ଚୂର୍ଣ୍ଣକୁ ଗରମ ପାଣି ସହିତ ସେବନ କରିବା ଦ୍ୱାରା ଉପଦଂଶ ରୋଗରୁ ରକ୍ଷା ମିଳେ । ଉପଦଂଶର ଘା' ରେ ଅରଖର ଗୁଣ୍ଡ ପକାନ୍ତୁ । ଅରଖର କାଢ଼ାରେ ଘା'କୁ ଧୋଇ ଦିଅନ୍ତୁ ।

◻ ଅରଖ ମୂଳ ସହ ପିପ୍ପଳ ଛାଲିର ଭସ୍ମ ଲଗାଇବା ଦ୍ୱାରା ଫିଷ୍ଟୁଲା ଭଲ ହୋଇଯାଏ । ଅରଖରେ ଦାନ୍ତ ଘଷିବା ଦ୍ୱାରା ଦାନ୍ତରୋଗ ହୁଏ ନାହିଁ ।

◻ ଆୟୁର୍ବେଦରେ ଏହି ବୃକ୍ଷକୁ ଉପବିଷ ଶ୍ରେଣୀଭୁକ୍ତ କରାଯାଇଛି । ତେଣୁ ଏହାର ସେବନ ଅତ୍ୟଧିକ ହେବା ବିପଦପୂର୍ଣ୍ଣ । ଏହା ଝାଡ଼ା ବାନ୍ତିର କାରଣ ହୋଇପାରେ । ଉପଯୁକ୍ତ ମାତ୍ରାର ସେବନ ଉପଯୁକ୍ତ ବୈଦ୍ୟଙ୍କ ତତ୍ତ୍ୱାବଧାନରେ ହେବା ଦରକାର ।

## ଔଷଧରେ ଭରପୁର ବାହାଡ଼ା

ଗୋଟିଏ ବାହାଡ଼ାକୁ ୨ ଫାଳ କରି ଗୋଟିଏ ଫାଳକୁ କଳରେ ରଖି ଧୀରେ ଧୀରେ ଖାଇଲେ ଏହା କଫ, କାଶ, ଶ୍ୱାସ ଓ ସ୍ୱରଭଙ୍ଗ ଦୂର ହୋଇଥାଏ ।



**ମୂତ୍ରାଶୟରେ ପଥୁରୀ:** ବାହାଡ଼ା ମଞ୍ଜିକୁ ଖାର ସହ ପେଷି ପାଣି ସହିତ ମିଶାଇ ଦିନକୁ ୨ ଥର ପିଇଲେ ମୂତ୍ରାଶୟର ପଥୁରୀ ବାହାରି ଯାଇଥାଏ ।

**କାନ ପଚା :** ବାହାଡ଼ା ଓ ବଚକୁ ୧୦ ଗ୍ରାମ୍ ରାଶି ତେଲ ଏବଂ ରାଶି ତେଲ ଏବଂ ଏକ ଗ୍ଲାସ ପାଣି ଦେଇ ଏହାକୁ ଗରମ କରନ୍ତୁ, ପାଣି ମରିଯିବା ପରେ ଏହାକୁ ଛାଣି କାନରେ ଦିନକୁ ୨ ଥର ପକାଇଲେ କାନପଚା ଭଲ ହୁଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲଖିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ଼ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।



- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍‌ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟ୍‌ଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ୍ଡେନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍କାମି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତର ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ରର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

# ସପେଟା ଖାଇ ସୁସ୍ଥ ରୁହନ୍ତୁ

ସପେଟାରେ ଫାଇବର୍‌ର ମାତ୍ରା ବେଶୀ ଥିବାରୁ ତାହା କୋଷ୍ଠକାଠିନ୍ୟକୁ ଦୂର କରିବା ସହ ପାଚନକ୍ରିୟା ମଜଭୁତ କରିଥାଏ । ଭିଟାମିନ୍ ଏ, ସି ଓ ଇ ରେ ଜଡିତ ଥିବା ଅନେକାଂଶ ରୋଗରୁ ଏହା ରକ୍ଷା କରିଥାଏ । ଯାହାକି ଭିଟାମିନ୍-ଏ ଆଖି ପାଇଁ ଲାଭକାରୀ ହେବାବେଳେ ଭିଟାମିନ୍ 'ସି' ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ



ସାହାଯ୍ୟ କରିଥାଏ । ଏହି ଫଳରେ ପାଣିର ମାତ୍ରା ପ୍ରଚୁର ରହିଥାଏ ତେଣୁ ଏହି ଫଳକୁ ଖାଇଲେ ଶରୀରରେ ପାଣିର ଅଭାବ ଦେଖା ଦେଇ ନ ଥାଏ । ଏଥିରେ ଥିବା କ୍ୟାଲସିୟମ୍, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣ ଥିବା ଯୋଗୁଁ ଏହା ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ ।

# ଭିଟାମିନ୍‌ରେ ଭରପୁର ଆତ

ଆତ ଗାଉଁଲି ଫଳ ହୋଇଥିଲେ ସୁଦ୍ଧା ସହରରେ ଏବେ ଏହାର ଆଦର ବଢ଼ିଯାଇଛି । ସୀତାଫଳ ବୋଲି ପରିଚିତ ଏହି ଫଳର ସ୍ୱାସ୍ଥ୍ୟ ଉପକାରିତା ଖୁବ୍ ଅଧିକ । ଶରୀରର ଏପରି କୌଣସି ଭାଗ ନ ଥିବ ଯେଉଁଠାରେ ଏହାର ଲାଭ ମିଳିବ ନାହିଁ । ଏହା ବାତ, ପିତ୍ତ, ଶାନ୍ତ ରଖିବା ସହ ପୁଷ୍ଟିକର ତଥା ବଳବର୍ଦ୍ଧକ ।

➢ ଏହା ଓଜନ ବଢ଼ାଇବାରେ ଖୁବ୍ ଉପକାରୀ । ଅନେକ ଲୋକ ଏତେ ଦୁର୍ବଳ ଏବଂ ପତଳା ଥାନ୍ତି ଯେ, ଓଜନ ବଢ଼ାଇବାର ସବୁପ୍ରକାର ଉପାୟ କରି ଥକିପଡ଼ନ୍ତି ପଛେ କିଛି ଲାଭ ହୁଏ ନାହିଁ । ଏପରି ସ୍ଥଳେ ଆତକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଖୁବ୍ ଶୀଘ୍ର ନିଜ ଇଚ୍ଛାନୁସାରେ ଫିଗର ପାଇ ପାରିବେ ।



➢ ଆତରେ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ 'ସି' ପ୍ରଚୁର ପରିମାଣରେ ଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ପାରୁଥିବାରୁ ଦିନକୁ ଥରେ ଆତ ଖାଇବା ସବୁ ରୋଗରୁ ମୁକ୍ତ ରଖିପାରିବ ।

➢ ଏଥିରେ ମଧ ଭିଟାମିନ୍ 'ବି' କମ୍ପ୍ଲେକ୍ସ ପର୍ଯ୍ୟାପ୍ତ ପରିମାଣରେ ଚାଲିଛି । ତେଣୁ ଏହା ମସ୍ତିଷ୍କ ଶୀତଳ ରଖେ । ଆତ ଖାଇବା ଚିଡ଼ଚିଡ଼ା ସ୍ୱଭାବରୁ ଦୂରେଇ ମାନସିକ ଶାନ୍ତି ଦେଇପାରେ ।

➢ ଦାନ୍ତ ଏବଂ ମାଢ଼ିରେ ହେଉଥିବା ଯନ୍ତ୍ରଣାରୁ ମଧ ଆତ ଖାଇବା ମୁକ୍ତି ଦେଇଥାଏ ।

➢ ରକ୍ତହୀନତା ବା ଏନିମିଆ ଦୂରେଇବାରେ ଆତର ଭଲ ଭୂମିକା ରହିଛି । ପ୍ରତିଦିନ ଆତ ଖାଇଲେ ରକ୍ତହୀନତା ଦୂର ହେବା ସହ ବାନ୍ତି ହେଉଥିଲେ ବି ଭଲ ହୋଇଯାଏ ।

➢ ଭିଟାମିନ୍ ସି ଏବଂ ରାଇବୋଫ୍ଲୋବିନ୍ ଏଥିରେ ଅଧିକ ଥିବାରୁ ଏହା ଦୃଷ୍ଟିଶକ୍ତି ସୁସ୍ଥ ରଖେ ।

➢ ଏଥିରେ ଥିବା ମ୍ୟାଗ୍ନେସିୟମ୍ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ସହ ଆଣ୍ଠୁଗଣ୍ଠିରେ ହେଉଥିବା ଏସିଡ଼ରୁ ମୁକ୍ତ ରଖେ । ଏହି ଏସିଡ଼ ଗଣ୍ଠିରୋଗର ମୁଖ୍ୟ କାରଣ ହୋଇଥିବାରୁ ଆତ ଏଥିରୁ ସୁରକ୍ଷା ଦିଏ ।

➢ ଆତରେ ବି ସୋଡିୟମ୍ ଏବଂ ପଟାସିୟମ୍ ସନ୍ତୁଳିତ ମାତ୍ରାରେ ରହିଛି । ତେଣୁ ଏହା ରକ୍ତପ୍ରବାହ ନିୟନ୍ତ୍ରଣ କରିଥାଏ ।

# କହିପାରିବେ କି ?

(୧) ଆୟୁର୍ବେଦର ବର୍ଣ୍ଣନା କେଉଁ ବେଦରେ କରାଯାଇଛି ?
(୨) ଲକ୍ଷ୍ମଣଙ୍କୁ ନାଗଫାଶରୁ କିଏ ମୁକ୍ତ କରିଥିଲେ ?
(୩) ଇନ୍ଦ୍ରଙ୍କ ବିମାନର ନାମ କ'ଣ ?
(୪) ଶତ୍ରୁଘ୍ନଙ୍କ ମାତାଙ୍କ ନାମ କ'ଣ ?
(୫) ଶନିଙ୍କ ପିତାଙ୍କ ନାମ କ'ଣ ?
(୬) ବାନର ରାଜା ବାଳୀ କାହାର ପୁତ୍ର ଥିଲେ ?
(୭) 'ବଜ୍ର' ଅସ୍ତ୍ର କେଉଁ ଋଷିଙ୍କ ଅସ୍ଥିରୁ ନିର୍ମିତ ?
(୮) ରାମାୟଣରେ କେଉଁ ସମୁଦ୍ରର ଜଳ ରକ୍ତ ବର୍ଣ୍ଣର ଥିଲା ?
(୯) ସମୁଦ୍ର ମନ୍ଥନରେ କେଉଁ ପର୍ବତକୁ ବ୍ୟବହାର କରାଯାଇଥିଲା ?
(୧୦) କେଉଁ ମହର୍ଷି ନିଜ ମାତାଙ୍କ ଶିର ଛେଦନ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) CLXEE | = | 6) SSCYEE | = |
| 2) SOLTCE | = | 7) OTYEPR | = |
| 3) MORHEC | = | 8) OVFRA | = |
| 4) NOHMT | = | 9) BBIER | = |
| 5) RDHOC | = | 10) MLINEB | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. କେନ୍ଦ୍ର ଏସିଆ, ୨. ସୁଷେଣ, ୩. ଚୀନ, ୪. ଅକ୍ଟୋବର ୨, ୨୦୧୪, ୫. ପୋମୋଲୋଜି, ୬. ମେ' ୮, ୭. କିରନ୍ ବେଦୀ, ୮. ଆର୍.କେ.ନାରାୟଣ, ୯. ବାଲ୍ ଗଙ୍ଗାଧର ତିଲକ, ୧୦. ଅଷ୍ଟ୍ରେଲିଆ ।

***Jumble Words*** ର ଉତ୍ତର :-

(1) PLUCK (2) DIMLY (3) LODINE (4) FLAVOR (5) ITCHY
(6) DERBY (7) BARREL (8) ENTICE (9) HARSH (10) PLANK

## ହୀରାକୁଦ ପର୍ଯ୍ୟଟନର ବିକାଶ ପାଇଁ ୭୦୦୦ କୋଟିର ମାଷ୍ଟରପ୍ଲାନ

ସମ୍ବଲପୁର : ରାଜ୍ୟ ସରକାରଙ୍କ ସମନ୍ୱିତ ମାଷ୍ଟରପ୍ଲାନର ଅଂଶ ଭାବେ ହୀରାକୁଦ ଜଳଭଣ୍ଡାର ତଟବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ୭୦୦୦ କୋଟି ଟଙ୍କାର ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି । ଓଡ଼ିଶା ନିର୍ମାଣ ନିଗମ (ଓସିସି) ଏହାର କାର୍ଯ୍ୟାନ୍ୱୟନ କରିବ । ଏହି ବୃହତ୍ ପ୍ରକଳ୍ପରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ଡ୍ୟାମ ତଟବର୍ତ୍ତୀ ଅଞ୍ଚଳରେ ବିକାଶ କାର୍ଯ୍ୟ କରାଯିବ । କିନ୍ତୁ ପାଣ୍ଠି ଆବଣ୍ଟନ ଏହି ପ୍ରକଳ୍ପରେ ପ୍ରତିବନ୍ଧକ ସାଜିଛି । ସରକାରୀସ୍ତରରେ ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରକଳ୍ପର ଅଧିକାଂଶ କାର୍ଯ୍ୟ ପାଇଁ ଘରୋଇ ନିବେଶର ଆବଶ୍ୟକତା ରହିଥିବା ଜଣାପଡ଼ିଛି । ଏସିଆର ଦୀର୍ଘତମ ମାଟିବନ୍ଧ ହୀରାକୁଦ ବହୁମୁଖୀ ପ୍ରକଳ୍ପର ପରିପାର୍ଶ୍ୱିକ ପ୍ରାକୃତିକ ପରିବେଶ ଓ ଅତଳ ଜଳରାଶି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି । ତେବେ ଏହାର ପରିପାର୍ଶ୍ୱରେ ପର୍ଯ୍ୟଟନ ବିକାଶର ଅନେକ ସୁଯୋଗ ଥିଲେ ହେଁ ଅଦ୍ୟାବଧି ଆଶାନୁରୂପ ବିକାଶ ହୋଇପାରି ନାହିଁ । ଓଡ଼ିଶା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ହୀରାକୁଦ ପର୍ଯ୍ୟଟନ ବିକାଶର ମାଷ୍ଟରପ୍ଲାନ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟରେ ପ୍ରବେଶ କରୁଛି, ନୂତନ ପରିବେଶ- ସମ୍ବେଦନଶୀଳ ଭିତ୍ତିଭୂମି ଏବଂ ଦୁଃସାହସିକ ପର୍ଯ୍ୟଟନ ପଦକ୍ଷେପଗୁଡ଼ିକ ଏହି ଅଞ୍ଚଳର ପରିଦର୍ଶକ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବା ପାଇଁ ପ୍ରସ୍ତୁତ ରହିଛି । ପର୍ଯ୍ୟଟନ ସଚିବ ବଳବନ୍ତ ସିଂହଙ୍କ ଦ୍ୱାରା ହୀରାକୁଦର ସମନ୍ୱିତ ମାଷ୍ଟରପ୍ଲାନକୁ ସ୍ଥାୟୀତ୍ୱ ଦେବାସହ ଐତିହ୍ୟ ଏବଂ ନବସୃଜନର ମିଶ୍ରଣ ସହ ଏକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ ବିଳାସପୂର୍ଣ୍ଣ ହୋଟେଲ, ସାଂସ୍କୃତିକ କେନ୍ଦ୍ର ଏବଂ ହୀରାକୁଦ ଜଳଭଣ୍ଡାର ସଂଗ୍ରହାଳୟ ସହ ପ୍ରକୃତି ଆଧାରିତ ପର୍ଯ୍ୟଟନ ପରିକଳ୍ପନା କରାଯାଇଛି । ଇତିମଧ୍ୟରେ ପର୍ଯ୍ୟଟନ ଏବଂ ଜଳସମ୍ପଦ ବିଭାଗର ଉଚ୍ଚଅଧିକାରୀଙ୍କ ମିଳିତ କ୍ଷେତ୍ର ପରିଦର୍ଶନ ପରେ ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର ନଦୀବନ୍ଧ ତଟବର୍ତ୍ତୀ ଅଞ୍ଚଳର ବିକାଶ ଯୋଜନା ଚୂଡ଼ାନ୍ତ ହୋଇଛି । ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଭାସମାନ ହୋଟେଲ (ଫୋଟେଲ) ଏବଂ ଜଳ- ଲେଜର ସଂଗୀତ ଶୋ', କ୍ୟାମ୍ପିଜୋନ୍, କାରାଭାନ୍ ପାର୍କ ଏବଂ ଡେ ଟୁରିଜିମ୍ ପ୍ଲାଜା, ଭୂମି, ଜଳ ଏବଂ ବାୟୁ ଭିତ୍ତିକ କାର୍ଯ୍ୟକଳାପ ପାଇଁ ଦୁଃସାହସିକ କ୍ରୀଡ଼ାର ଭିତ୍ତିଭୂମି ନିର୍ମାଣ କରାଯିବ । ଏଥିପାଇଁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପୁଞ୍ଜି ନିବେଶ ପାଇଁ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ( ଏସଏଏସସିଆଇ) ଯୋଜନା କରିବାକୁ କୁହାଯାଇଛି । ଏହା ପର୍ଯ୍ୟଟନ ଏବଂ ଭିତ୍ତିଭୂମି ଅଭିବୃଦ୍ଧି ପାଇଁ ଜାତୀୟ ଲକ୍ଷ୍ୟକୁ ସୁନିଶ୍ଚିତ କରିବ ବୋଲି କୁହାଯାଇଛି । ମାଷ୍ଟରପ୍ଲାନ ହୀରାକୁଦରେ ପର୍ଯ୍ୟଟନ ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି, ଯାହା ସ୍ଥାନୀୟ ଉଦ୍ୟୋଗ ଏବଂ ନିଯୁକ୍ତିକୁ ବୃଦ୍ଧି କରିବା ସହ ଅବସର ବିନୋଦନ ଏବଂ ବ୍ୟବସାୟିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ । କିନ୍ତୁ ଏହି ଯୋଜନା ପାଇଁ ମୋଟାଅଙ୍କର ଘରୋଇ ପାଣ୍ଠି ବିନିଯୋଗର ଆବଶ୍ୟକତା ରହିଛି । ଆଗାମୀଦିନରେ ସମ୍ବଲପୁର ଇକୋ ରିଟ୍ରିଟ୍ ସମୟରେ ଏଥିପାଇଁ ନିବେଶକ ବୈଠକ (ଇନଭେଷ୍ଟର୍ସ ମିଟ୍) ଆୟୋଜିତ ହେବ ବୋଲି କୁହାଯାଇଛି । ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶକ ରବିନ୍ଦ୍ର ଦଳାଇ କହିଛନ୍ତି, ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି, କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତି ଚାଲିଛି । ପର୍ଯ୍ୟଟନ, ଜଳସମ୍ପଦ ଓ ବନ ବିଭାଗର ସମନ୍ୱୟରେ ଏହି ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ତେବେ ୩ଟି ଜିଲ୍ଲାରେ କାର୍ଯ୍ୟ ହେବାକୁ ଥିବାରୁ ଏହାର ସମୟସୀମା ଅଦ୍ୟାବଧି ଧାର୍ଯ୍ୟ କରାଯାଇ ନାହିଁ ।

## ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶାର ସଫଳତା

ଭୁବନେଶ୍ୱର: ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ, ବିତ୍ତୀୟ ପରିଚାଳନା ଆଦି ଅନେକ କ୍ଷେତ୍ରରେ ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାକୁ ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବାଗ୍ର ଆସନ ମିଳିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗତ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୧-୧୨ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ ହାର ୪୭.୮%ରୁ ୮.୬% କୁ ହ୍ରାସ ପାଇଛି । ଓଡ଼ିଶା ପଛକୁ ଏ କ୍ଷେତ୍ରରେ ବିହାର ରହିଛି । ତଫାତ ହେଉଛି ନିରନ୍ତର କେନ୍ଦ୍ରୀୟ ସହାୟତା ଓ ଅନୁଦାନ ପାଉଥିବା ବିହାର ଦାରିଦ୍ର୍ୟ ହ୍ରାସରେ ଯେତିକି ସଫଳତା ହାସଲ କରିଛି ଏଣ୍ଡିଏ ଶାସିତ ରାଜ୍ୟ ଭାବେ ଓଡ଼ିଶା କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇ ମଧ୍ୟ ବିହାର ଠାରୁ ଅଧିକ ସଫଳ ରାଜ୍ୟ ଭାବେ ପ୍ରମାଣିତ ହୋଇଛି । ଯେଉଁ ଅବଧି କଥା ଆରବିଆଇ ଉଲ୍ଲେଖ କରିଛି, ତାହା ଥିଲା ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ଶାସନକାଳ । କେନ୍ଦ୍ର ସରକାରଙ୍କ ପାରିବାରିକ ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣ (ଏମ୍‌ସିଇଏସ୍)- ୨୦୨୨-୨୩ ତଥ୍ୟ ଆଧାରରେ ପ୍ରସ୍ତୁତ ଆରବିଆଇର ଏହି ରିପୋର୍ଟ କହିଛି ଯେ, ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶାର ସଫଳତା ଦେଶର ଯେକୌଣସି ଦେଶ ତୁଳନାରେ ସର୍ବକାଳୀନ ରେକର୍ଡ । ଅପରପକ୍ଷରେ ହିମାଚଳ ପ୍ରଦେଶରେ ସର୍ବନିମ୍ନ ଗରିବ(୦.୪%) ଥିବା ବେଳେ ୧୫ ବର୍ଷ ଧରି ବିଜେପି ଶାସିତ ଛତିଶଗଡ଼ରେ ସର୍ବାଧିକ (୨୫.୧%) ଗରିବ ରହିଛନ୍ତି । କେବଳ ସେତିକି ନୁହେଁ, ଗତ ବର୍ଷ ନୀତି ଆୟୋଗ ଓ ୟୁଏନ୍‌ପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ଦେଶବ୍ୟାପୀ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିବା ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ଗରିବ ରାଜ୍ୟର ଅପବାଦ ବହନ କରୁଥିବା ଏବଂ ୨୩% ଆଦିବାସୀ ଓ ୧୭% ତଫସିଲଭୁକ୍ତ ଜାତି ବସବାସ କରୁଥିବା ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟର ଏହି ଦଶବର୍ଷର ସଫଳତାର ରିପୋର୍ଟ କାର୍ଡ କିଛି କମ୍ ଉପଲବ୍ଧି ନୁହେଁ । ଆରବିଆଇ ରିପୋର୍ଟ ପୂର୍ବରୁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ରିପୋର୍ଟରେ ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରାଯାଇଛି ।

## ସମ୍ବଲପୁରରେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଓଡ଼ିଆ ନାମଫଳକ ରହୁନାହିଁ

ସମ୍ବଲପୁର : ଓଡ଼ିଆ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନ ପାଇଁ ହୋଇଥିବା ଆନ୍ଦୋଳନରେ ସମ୍ବଲପୁର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କିନ୍ତୁ ଏବେ ଏଠାକାର ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ନାମଫଳକ ନଗଣ୍ୟ । ଓଡ଼ିଆରେ ନାମଫଳକ ଲେଖିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ 'ସରକାରୀ ବାବୁମାନେ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉନାହାନ୍ତି । ଓଡ଼ିଆ ଭାଷା ଆନ୍ଦୋଳନ ସମୟରେ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ସମ୍ବଲପୁରରେ ଏହା ଅଧିକ ତୀବ୍ର ହୋଇଥିଲା । କିନ୍ତୁ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ପରବର୍ତ୍ତୀ ସମୟରେ କିଛୁ ବ୍ୟବସାୟ, ଦ୍ରୁତ ଶିଳ୍ପାୟନ ଆଦିର ପ୍ରଭାବ ଯୋଗୁଁ ସମ୍ବଲପୁରରେ ଅଣଓଡ଼ିଆ ଲୋକଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା । ଫଳରେ ହିନ୍ଦୀ ଭାଷାର ବହୁଳ ବ୍ୟବହାର ଆରମ୍ଭ ହୋଇଥିଲା । ଛୋଟଛୋଟ ଦୋକାନବଜାର ଠାରୁ ଆରମ୍ଭ କରି ବଡ଼ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନର ନାମଫଳକ ଲେଖିବାବେଳେ ହିନ୍ଦୀଓ ଇଂରାଜୀ ଭାଷାରେ ଯଥେଷ୍ଟ ବ୍ୟବହାର କରାଯାଉଛି । ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଇଂରେଜ ଅମଳରୁ ଇଂରାଜୀ ଭାଷା ବ୍ୟବହାର ଚାଲିଆସିଛି । ବିଜେଡି ସରକାର ଅମଳରେ ବିଓଡ଼ିଆ ଭାଷା ବ୍ୟବହାର ବାଧ୍ୟତାମୂଳକ କରିବା ଉପରେ ଏକଦା ସରକାରୀ ନିର୍ଦ୍ଦେଶ ଜାରି ହୋଇଥିଲା । ସେହି ସମୟରେ ସମ୍ବଲପୁରର ସବୁ ଦୋକାନ ଓ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ଖିଲାପକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ଚେତାଇଥିଲେ । ସମର୍ଥ ବର୍ମା ସମ୍ବଲପୁର ଜିଲ୍ଲାପାଳ ଥିବା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବ୍ୟବସାୟୀମାନଙ୍କର ଏକ ବୈଠକ ହୋଇଥିଲା । ବୈଠକରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯିବା ସହିତ ଓଡ଼ିଆ ନାମଫଳକ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ବ୍ୟବସାୟୀମାନେ ଚାହିଁଲେ ଇଂରାଜୀ, ହିନ୍ଦୀ ଆଦି ଭାଷାରେ ବି ସେମାନଙ୍କ ପ୍ରତିଷ୍ଠାନର ନାମଫଳକ ଲେଖିପାରିବେ । କିନ୍ତୁ, ଓଡ଼ିଆ ଭାଷାରେ ନାମଫଳକ ଲେଖାଯିବା ଅନିବାର୍ଯ୍ୟ ବୋଲି କୁହାଯାଇଥିଲା । ଏହାର ପ୍ରଭାବ ବି ସେତେବେଳେ ଦେଖିବାକୁ ମିଳିଥିଲା । ବ୍ୟବସାୟୀମାନେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ଆରମ୍ଭ କରିଥିଲେ । କିନ୍ତୁ ଜିଲ୍ଲାପାଳ ବଦଳିବା ପରେ ପୁଣି ସ୍ଥିତି ବଦଳି ଯାଇଥିଲା । ଆଜି ସହରରେ ଓଡ଼ିଆ ନାମଫଳକ କାହିଁ ଦେଖିବାକୁ ମିଳୁଛି । ନିର୍ବାଚନରେ ଓଡ଼ିଆ ଅସ୍ମିତାର କଥା କହି ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଉଦ୍ୟମ ଆରମ୍ଭ ହୋଇଛି । ରାଜ୍ୟ ସରକାର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ ଦୋକାନ ବଜାରରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ବାଧ୍ୟତାମୂଳକ କରିଛନ୍ତି । ନୂଆ ନିୟମ ଅନୁଯାୟୀ, ନାମଫଳକରେ ଓଡ଼ିଆ ଭାଷା ସହିତ ଇଂରାଜୀ, ହିନ୍ଦୀ ଭାଷାରେ ବି ଲେଖାଯାଇ ପାରିବେ । ସମ୍ବଲପୁରରେ କିନ୍ତୁ ଏହାର ଖୋଲାଖୋଲି ଉଲଂଘନ କରାଯାଉଛି । ଯଦିଓ ସରକାରୀ କାର୍ଯ୍ୟାଳୟରେ ନାମଫଳକ ଓଡ଼ିଆ ଭାଷାରେ ଲେଖାଯାଉଛି, କିନ୍ତୁ ବେସରକାରୀ କାର୍ଯ୍ୟାଳୟ ତଥା ଦୋକାନବଜାର କ୍ଷେତ୍ରରେ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ । ସରକାରୀ ବାବୁମାନେ ସରକାରୀ ନିୟମ କାର୍ଯ୍ୟକାରୀ କରିବାକୁ ଆନ୍ତରିକତା ଦେଖାଉ ନାହାନ୍ତି ।

## ଓଡ଼ିଶାରେ ଉଚ୍ଚଶିକ୍ଷା ସ୍ଥିତିରେ ସୁଧାର ଆସୁନାହିଁ

ଭୁବନେଶ୍ୱର : ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିରେ ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଉଚ୍ଚଶିକ୍ଷା ସ୍ଥିତିରେ କୌଣସି ସୁଧାର ଆସୁନାହିଁ । ଘରୋଇ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଜାତୀୟସ୍ତରରେ ସଫଳତା ହାସଲ କରୁଥିବା ବେଳେ ରାଜ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ଦୟନୀୟ ସ୍ଥିତି ଲାଗି ରହିଛି । ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ (୩ ମହାବିଦ୍ୟାଳୟ ଏନ୍‌ଆଇଆରଏଫ୍ ରାଙ୍କିଙ୍ଗରେ ପଛରେ ପଡ଼ିଛନ୍ତି । "ଜାତୀୟସ୍ତରରେ ହେଉଥିବା ରାଙ୍କିଙ୍ଗରେ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିବର୍ଷ ଭଲ ପ୍ରଦର୍ଶନ କରୁଥିବା ବେଳେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ରାଙ୍କିଙ୍ଗ୍ କ୍ରମାଗତ ହ୍ରାସ ଯାଉଛି । ସ୍ଥିତି ଏପରି ଯେ, ରାଜ୍ୟ ସରକାର ଅଧୀନ କୌଣସି ସରକାରୀ ଶିକ୍ଷାନୁଷ୍ଠାନ ସାମଗ୍ରିକ ବର୍ଗରେ ଶ୍ରେଷ୍ଠ ଶହେ ଭିତରକୁ ଆସିପାରୁ ନାହାନ୍ତି । ସେହିପରି ଶ୍ରେଷ୍ଠ ୩୦୦ ମହାବିଦ୍ୟାଳୟ ମଧ୍ୟରେ ରାଜ୍ୟର କୌଣସି କଲେଜ ସ୍ଥାନ ପାଉନାହାନ୍ତି । ରାଜ୍ୟ ସରକାରଙ୍କ ଅଧୀନରେ ପାଖାପାଖି ଦୁଇ ଡଜନରୁ ଅଧିକ ବିଶ୍ୱବିଦ୍ୟାଳୟ ରହିଛି । ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି । ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ରୁ ଅଧିକ ଅଧ୍ୟାପକ ଓ ୧୯୧୦ ଅଣ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି । ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକ ଏନ୍‌ଆଇଆରଏଫ୍ ର୍ୟାଙ୍କିଙ୍ଗରେ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଉଥିବା ବେଳେ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ନୈରାଶ୍ୟଜନକ ପ୍ରଦର୍ଶନ କରୁଛନ୍ତି । ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ବର୍ଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ର୍ୟାଙ୍କ ଖସିବାରେ ଲାଗିଛି । ଗତବର୍ଷ ଏହି ବର୍ଗରେ ଉତ୍କଳ ୪୨ତମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୪୮ତମ ସ୍ଥାନକୁ ଖସିଛି । ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟ ଏହି ବର୍ଗରେ ଶ୍ରେଷ୍ଠ ୫୦ ତାଲିକା ଭିତରକୁ ଆସିପାରିନି । ୨୦୨୨ରେ ସାମଗ୍ରିକ ବର୍ଗରେ ୧୦୧-୧୫୦ ର୍ୟାଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ରହିଥିଲା । ୧୫୧-୨୦୦ ମଧ୍ୟରେ ଥିଲା ଭିସୁଟ୍ । ୨୦୨୩ରେ ୧୫୧-୨୦୦ ମଧ୍ୟରେ ସୀମିତ ରହିଲା ଉତ୍କଳ । ଭିସୁଟ୍ ଓ ଏସ୍‌ସିବି ମେଡ଼ିକାଲ କଲେଜ ମଧ୍ୟ ୨୦୦ ର୍ୟାଙ୍କ ମଧ୍ୟରେ ଥିଲେ । ୨୦୨୪ରେ ଶ୍ରେଷ୍ଠ ୧୫୧-୨୦୦ ରାଙ୍କ ମଧ୍ୟରେ ଓୟୁଏଟି ଏବଂ ଉତ୍କଳ ରହିଥିଲେ । ୨୦୨୫ରେ ଶ୍ରେଷ୍ଠ ୨୦୦ ମଧ୍ୟରେ କେବଳ ଓୟୁଏଟିକୁ ଛାଡ଼ିଦେଲେ ବାକି କୌଣସି ଶିକ୍ଷାନୁଷ୍ଠାନ ନାହିଁ । ଉତ୍କଳ, ବ୍ରହ୍ମପୁର, ସମ୍ବଲପୁର, ରେଭେନ୍ସା ସମେତ ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ କାହିଁକି ପଛରେ ରହୁଛନ୍ତି, ତାହା ଚିନ୍ତାର ବିଷୟ ହୋଇଛି । ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ର ର୍ୟାଙ୍କିଙ୍ଗ ୧୫ତମ ସ୍ଥାନରୁ ୧୯ ତମ ସ୍ଥାନକୁ ଚାଲି ଆସିଛି ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଝାରସୁଗୁଡ଼ାରେ 'କନଭେସନ ଅନ୍ ଜିଏସଟି ରିଫର୍ମ-୨୦୨୫'



ଝାରସୁଗୁଡ଼ା : ଜିଏସଟି ସଂସ୍କାର ୨.୦ ଦ୍ୱାରା 'ସହଜ ଜୀବନଯାପନ' ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି । ଇଜ୍ ଅଫ୍ ଲିଭିଂ ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସକୁ ପ୍ରୋତ୍ସାହିତ କରି ଏହି ଜିଏସଟି ସଂସ୍କାର ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ କରିବ ବୋଲି 'ଝାରସୁଗୁଡ଼ା ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ 'କନଭେସନ ଅନ୍ ଜିଏସଟି ରିଫର୍ମ-୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ପ୍ରେଜେଣ୍ଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା ମୋଦି ସରକାରରେ ଆସିଥିବା ଅଭୂତପୂର୍ବ ପରିବର୍ତ୍ତନ ଓ ଏହା ଦ୍ୱାରା ଦେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରିଥିଲେ । ଏହାବ୍ୟତୀତ ଝାରସୁଗୁଡ଼ାରେ ବ୍ୟବସାୟ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଚର୍ଚ୍ଚା କରିବା ସହ ଶିଶୁମାନଙ୍କ ପୋଷଣକୁ ଠିକ୍ କରିବା ପାଇଁ ଆଗେଇ ଆସିବା ପାଇଁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସ ସଦସ୍ୟଙ୍କୁ ସେ ଆହ୍ୱାନ କରିଛନ୍ତି । ହୋଟେଲ ମେ' ଫେୟାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମଏସଏମଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ସ୍ୱପ୍ନ ପୂରଣ ଦିଗରେ ଜିଏସଟି ସଂସ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମନୀଷ ଶାହ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଚ୍ୟାମ୍ବର ଅଫ କମର୍ସ ଅଧ୍ୟକ୍ଷ ହୀରାଲାଲ ଲୋକଚନ୍ଦାନୀ ସ୍ୱାଗତ ଅଭିଭାଷଣ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆସୋସିଏସନ ପୂର୍ବତନ ସଭାପତି ହିମାଂଶୁ ବଡପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ଏବଂ ସିଏ ଆସୋସିଏସନ ସଭାପତି ସଂଜୟ ସରାଉଗି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଖଡ଼ାରେ ଖଣ୍ଡା ବୁଲାଇଲେ ଜୟନାରାୟଣ



ସମ୍ବଲପୁର : ସମଲେଶ୍ୱରୀ ମନ୍ଦିର ପରିସରରେ ଆଖଡ଼ା ସମୟରେ ସମ୍ବଲପୁର ବିଧାୟକ ଜୟନରାୟଣ ମିଶ୍ର ଖଣ୍ଡା ବୁଲାଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ପ୍ରତିବର୍ଷ ଦଶହରା ପର୍ବ ଉପଲକ୍ଷେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଆଖଡ଼ା ଖେଳ ପ୍ରଦର୍ଶନ ହୋଇଥାଏ । ମା' ସମଲେଶ୍ୱରୀଙ୍କ ଖଣ୍ଡାଧୁଆ ଶୋଭାଯାତ୍ରା ମହାନଦୀର ମଛିନ୍ଦ୍ର ଘାଟରୁ ଖଣ୍ଡାଧୋଇ ମନ୍ଦିରକୁ ଫେରିବା ପରେ ଆଖଡ଼ା ଦଳଗୁଡ଼ିକ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ । ପରେ ମନ୍ଦିର ପରିସରରେ ପୁଣି ଆଖଡ଼ା ପ୍ରଦର୍ଶନ ହୋଇଥିଲା । ଚଳିତ ବର୍ଷ ପ୍ରଥମଥର ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏଥିରେ ଭାଗ ନେଇଥିବା ୮ଟି ଆଖଡ଼ା ଦଳ ଓସ୍ତାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆଖଡ଼ା ଖେଳ ପ୍ରଦର୍ଶନ ସମୟରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଅଧ୍ୟକ୍ଷ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ନିଜେ ଖଣ୍ଡା ଧରି ଆଖଡ଼ା ଖେଳିଥିଲେ । ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଗୋବିନ୍ଦ ଅଗ୍ରୱାଲ, ଅନିଲ ବେହେରା, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ବିପିନ ଭାଟିଆ, ଅନୁପ ତରିଆ, ରାମଦାସ ପଣ୍ଡା, ମୋହନ ଦାଶ, ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ମିଶ୍ର ସମ୍ବଲପୁର ମହାନଗର ନିଗମ ଅଧିନରେ ବିଭିନ୍ନ ସ୍ଥାନରେ ହୋଇଥିବା ପୂଜା ମଣ୍ଡପ ମାନଙ୍କୁ ମଧ ବୁଲିଥିଲେ ।

## ସମ୍ବଲପୁରରେ ରାଷ୍ଟ୍ରୀୟ ଉଦ୍ୟୋଗ ମେଳା ଉଦ୍‌ଘାଟିତ







ସମ୍ବଲପୁର : କ୍ଷେତରାଜପୁରର ମାରୱାଡି ମହିଳା ସମିତି ପକ୍ଷରୁ ଦୁଇଦିନିଆ ରାଷ୍ଟ୍ରୀୟ ଉଦ୍ୟୋଗ ମେଳା ମୁଦିପଡ଼ାର ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରରେ ଉଦ୍‌ଘାଟିତ ହୋଇ ଯାଇଛି । ଏହି ମେଳାରେ ଓଡ଼ିଶା, ଝାରଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶର ମହିଳା ଉଦ୍ୟୋଗୀମାନେ ଶାଢ଼ୀ, ସୁଟ୍‌ସ, ଗହଣା, ଠାକୁରଙ୍କ ପୋଷାକ, ଖେଳଣା ଆଦି ଦୋକାନ ଖୋଲିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଉଦ୍ୟୋଗ ମେଳାର ଅଧ୍ୟକ୍ଷା ପ୍ରେମା ପନ୍‌ସାରୀ, ସହ ଅଧ୍ୟକ୍ଷା ମଞ୍ଜୁ ଟିବ୍ରିୱାଲ, ନିର୍ମଳା ଲାଠ୍, ମାରୱାଡ଼ି ମହିଳା ସମିତିର ଅଧ୍ୟକ୍ଷା ସଞ୍ଜୁ ଅଗ୍ରୱାଲ, ସଂପାଦିକା ବିନିତା ଅଗ୍ରୱାଲ, କମିଟିର ସଭ୍ୟା ସୁଶୀଲା ଫାର୍ମାନିଆ, ଗଙ୍ଗା ଦାରୁକା, ମଧୁ ଅଗ୍ରୱାଲ, ଇନ୍ଦୁ ମୁନ୍ଦଡା, କୌଶଳ ଅଗ୍ରୱାଲ, ସୁଷମା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।





**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ**

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍‌ପାଟି)





**ଗାନ୍ଧୀ ଜୟନ୍ତୀ ଉପଲକ୍ଷେ**

**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra